• Vol.- 46, Issue No. 106
• Thursday, 16 July 2026
• ଗୁରୁବାର, ୧୬ ଜୁଲାଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ଶ୍ରୀକ୍ଷେତ୍ର ଚଳଚଞ୍ଚଳ: ସିଂହଦ୍ୱାରେ ତିନିରଥ

# କାଳିଆ ସାଆନ୍ତଙ୍କୁ ଅପେକ୍ଷା



**ଅପରାହ୍ଣ ୪ଟାରେ ରଥଟଣା**

**ସେବାୟତ, ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି**

**ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ସମାଗମ ବଢୁଛି**

ପୁରୀ, ୧୫ ।୭(ନିପ୍ର): ଭକ୍ତି ଭାବରେ ଉଚ୍ଛୁଳି ପଡୁଛି ବଡଦାଣ୍ଡ । ଭକ୍ତ ଭାବବିହ୍ୱଳ ହୋଇ ବର୍ଷାକୁ ଖାତିର ନ କରି ବଡଦାଣ୍ଡରେ ପ୍ରଭୁଙ୍କ ପାଇଁ ଅପେକ୍ଷାରତ । ଆବାଳ ବୃଦ୍ଧବନିତା ଏହି ଦୁର୍ଲଭ ଯାତ୍ରାକୁ ଦର୍ଶନ କରିବା ପାଇଁ ଅପେକ୍ଷାରତ । ଲକ୍ଷ ଲକ୍ଷ ଭକ୍ତ ଭଜନ କୀର୍ତ୍ତନ କରି ଟ୍ରେନ, ବସ୍ ଓ ଭଡା ଗାଡି ଦ୍ୱାରା ପୁରୀକୁ ଆସୁଛନ୍ତି । ଘୁ ଘୁ ଧ୍ୱନିରେ କମ୍ପୁଛି ବଡଦାଣ୍ଡ । ରଥ , ପଥ, ଜଗନ୍ନାଥ ଓ ଭକ୍ତଙ୍କର ହେବ ମହାମିଳନ । ବଡଦାଣ୍ଡର ଦୁଇ ପାର୍ଶ୍ୱରେ ହାଇମାକ୍ସ ଲାଇଟ ଖୁଣ୍ଟରେ ଲାଉଡ ସ୍ପିକରରେ ମହାପ୍ରଭୁଙ୍କ ଭଜନ ବାଜୁ ଥିବାରୁ ଭକ୍ତ ଆନନ୍ଦିତ ହେଉଛନ୍ତି । ଉଜ୍ଜ୍ୱଳ ଏଲଡି ଲାଇଟରେ ଝଲସୁଛି ବଡଦାଣ୍ଡ । ଖୋଲିଗଲାଣି ସ୍ୱେଚ୍ଛାସେବୀଙ୍କ ଷ୍ଟଲ । ଚଳଚଞ୍ଚଳ ଶ୍ରୀକ୍ଷେତ୍ର । ସମସ୍ତଙ୍କ ଅପେକ୍ଷା କାଳିଆ ସାଆନ୍ତଙ୍କ ଦର୍ଶନ । କାରଣ ଗୁରୁବାର ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନବେଦୀରୁ ଓହ୍ଲାଇଆସିବେ ବଡଦାଣ୍ଡକୁ ବ୍ରହ୍ମାଣ୍ଡଠାକୁର। ଗତକାଲିଠାରୁ ସହରରେ ପ୍ରବଳ ବର୍ଷା ଲାଗି ରହିଥିବା ଯୋଗୁଁ ତଳିଆ ଅଞ୍ଚଳଗୁଡ଼ିକରେ ପାଣି ଜମି ରହିଥିବା ଯୋଗୁଁ ସାଧାରଣ ଚଳପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଆଜି ଶ୍ରୀମନ୍ଦିରରେ ପାରମ୍ପରିକ ନୀତି ସମ୍ପନ୍ନ ହେବା ପରେ ତିନି ବାଡର ପୂଜାପଣ୍ଡା ସାମନ୍ତଙ୍କ ପଟ୍ଟଆରରେ ରଥଖଳାରେ ପହଞ୍ଚି ଆଜ୍ଞାମାଳ ଦେବାପରେ ରଥଖଳାରୁ ଦକ୍ଷିଣ ମୋଡ଼ କରାଯାଇ ଆରକ୍ଷୀ ବାହିନୀ ଓ ଭକ୍ତ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ଲଗାଇଥିଲେ। ଆସନ୍ତାକାଲି ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବା ପରେ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିବେ। ରଥଯାତ୍ରା ସମୟରେ ଶାନ୍ତି, ଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉଛି ଯେପରି ଭକ୍ତମାନେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିପାରିବେ ସେପରି ବ୍ୟବସ୍ଥା କରାଯାଇଛି। ଭିଡକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ ଲଜିଂ, ହୋଟେଲଗୁଡିକରେ ନିର୍ଦ୍ଧାରିତ ଦରଠାରୁ ଅତ୍ୟଧିକ ତିନି ଗୁଣ ଭଡ଼ା ଆଦାୟ କରୁଥିବା ବାହାରୁ ଆସୁଥିବା ଭକ୍ତମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ତଦନ୍ତ କରିବା ପାଇଁ ଦାବି କରାଯାଇଛି। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଜାରି କରାଯାଇଛି। ନିର୍ଘଣ୍ଟ ଅନୁଯାୟୀ, ଆସନ୍ତାକାଲି ଅପରାହ୍ଣ ୪ଟାରେ ତିନିରଥ ଟଣା ଆରମ୍ଭ ହେବ। ସୂଚନା ଅନୁସାରେ, ସକାଳ ୯ଟାରେ ରଥ ପ୍ରତିଷ୍ଠା ନୀତି ସମ୍ପନ୍ନ ହେବ। ପରେ ସକାଳ ସାଢ଼େ ୯ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପହଣ୍ଡି ନୀତି ଅନୁଷ୍ଠିତ ହେବ। ପହଣ୍ଡି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜଙ୍କ ଦ୍ୱାରା ପରମ୍ପରାଗତ 'ଛେରା ପହଁରା' ନୀତି ସମ୍ପନ୍ନ କରାଯିବ। ଛେରା ପହଁରା ଶେଷ ହେବା ପରେ ଅପରାହ୍ଣ ୪ଟାରେ ତିନିରଥ ଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟରେ ଉଲ୍ଲେଖ ରହିଛି। ରଥଯାତ୍ରାର ସମସ୍ତ ନୀତିକାନ୍ତି ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ, ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ବଙ୍ଗୋପସାଗରରେ ଲଘୁଚାପ ପୁରୀ, ଜଗତସିଂହପୁରକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୫ ।୭: ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପକୂଳରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଏହାର ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। କାଲି ବି ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ସତର୍କ କରିଛି ପାଣିପାଗ ବିଭାଗ । ଲଘୁଚାପ ପ୍ରଭାବରେ ପୁରୀରେ ହୋଇଛି ପ୍ରବଳରୁ ଅତି ପ୍ରବଳ ବର୍ଷା । ପୁରୀ ଜିଲ୍ଲାରେ ୧୬୮ ମିଲିମିଟର ବର୍ଷା ରେକର୍ଡ ହୋଇଛି । ପୁରୀ ଜିଲ୍ଲା ସହ ଜଗତସିଂହପୁର ଜିଲ୍ଲାକୁ ମଧ୍ୟ ଜାରି ହୋଇଛି ରେଡ୍ ୱାର୍ଣ୍ଣିଂ । ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଅନୁଗୁଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି।

## ଭକ୍ତି ଓ ସମର୍ପଣ ଭାବକୁ ଯୋଡ଼ିବ 'ସମର୍ପଣ'

### ରଥଯାତ୍ରା ପୂର୍ବରୁ ପୁରୀରେ ମୁଖ୍ୟମନ୍ତ୍ରୀ କଲେ ଶୁଭାରମ୍ଭ



ପୁରୀ, ୧୫ ।୭(ନିପ୍ର): ପବିତ୍ର ରଥଯାତ୍ରାର ପୂର୍ବଦିନ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟାଧୁନିକ ଡିଜିଟାଲ ହୁଣ୍ଡି 'ସମର୍ପଣ'ର ଶୁଭାରମ୍ଭ କରିଛନ୍ତି । ଓକାକ୍ ଦ୍ୱାରା ବିକଶିତ ହୋଇଥିବା ଏହି ନିରାପଦ ଡିଜିଟାଲ ପ୍ଲାଟଫର୍ମକୁ ଶ୍ରୀମନ୍ଦିର ପ୍ରଶାସନର ଅଫିସିଆଲ୍ ପୋର୍ଟାଲ ସହିତ ସଂଯୁକ୍ତ କରାଯାଇଛି, ଯାହା ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ସ୍ୱଚ୍ଛତାର ସହ ଦାନ କରିବାର ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ବିଶ୍ୱର ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ସହ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଏହି ବ୍ୟବସ୍ଥା ଜରିଆରେ ସଂଗୃହୀତ ଦାନ ଅର୍ଥ ଶ୍ରୀମନ୍ଦିରର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ବିନିଯୋଗ ହେବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଡିଜିଟାଲ ହୁଣ୍ଡି - ସମର୍ପଣ' କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭକ୍ତି ଓ ସମର୍ପଣ ଭାବକୁ ଶ୍ରୀମନ୍ଦିର ସହ ଯୋଡ଼ିବାର ଏକ ସ୍ୱଚ୍ଛ ସେତୁ। ଦେଶ-ବିଦେଶରେ ଥିବା ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ଏବେ ଘରେ ରହି ମଧ୍ୟ ମହାପ୍ରଭୁଙ୍କ ଚରଣରେ ସେବା ଅର୍ପଣ କରିପାରିବେ । ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସଂସ୍କାର ପାଇଁ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍ ସହିତ ମୋବାଇଲ୍ ଆପ୍ ମଧ୍ୟ ବିକଶିତ କରାଯାଇଛି। ଶ୍ରଦ୍ଧାଳୁମାନେ ନିଜ ମୋବାଇଲ୍ ନମ୍ବର ଏବଂ ଓଟିପି ମାଧ୍ୟମରେ ସହଜରେ ଲଗ୍-ଇନ୍ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିପାରିବେ।





**ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**



ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0083

15001/83/2627

**ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନବପ୍ରଭାତ





# ରଥ, ପଥ, ଭକ୍ତ ଏକାକାର



## ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ଦେବତା ଶ୍ରୀଜଗନ୍ନାଥ

ପରମ ବୈଷ୍ଣବ ପ୍ରଭୁ ଶ୍ରୀଜଗନ୍ନାଥ । ସେ କିପରି ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ତାନ୍ତ୍ରିକ ଦେବତା ? ବାସ୍ତବରେ ଜଗନ୍ନାଥ ସଂସ୍କୃତି ଏକ ସମନ୍ୱୟାତ୍ମକ, ଏକକ ଧର୍ମ ଓ ଦର୍ଶନରେ ଏହା ଗଠିତ । ଭକ୍ତର ଭାବ, ସାଧକର ତପସ୍ୟା ଓ ଜ୍ଞାନୀର ଅନ୍ୱେଷାରେ ବ୍ରହ୍ମ ଉପଲବ୍ଧିର ବହୁ ପଥ, ବହୁ ମତ ଉନ୍ମୋଚିତ । ଯେପରି ମନୁଷ୍ୟ ସମାଜ, ପ୍ରକୃତି ଓ ପୃଥିବୀ ମାତାଙ୍କୁ ପୂଜା କରିବାର ଆରମ୍ଭ କରିବା ସମୟରୁ ହିଁ ଶକ୍ତି ପୂଜାର ଉନ୍ମେଷ ହେବା ସହ ଯନ୍ତ୍ର, ମନ୍ତ୍ର, ତନ୍ତ୍ର ଅନୁଷ୍ଠାନର ଉନ୍ମେଷ ଘଟିଛି । ଅଚଳା ଭକ୍ତି ଓ ଅଖଣ୍ଡ ଭକ୍ତିର ଉଦ୍ଭାସିତ ହୁଏ ମନୁଷ୍ୟର ଅନ୍ତର୍ଲୋକ । ଭିନ୍ନ ଭିନ୍ନ ଭାବନା ଓ ଦୃଷ୍ଟିକୋଣକୁ ଭିତ୍ତି କରି ଜନ୍ମ ନେଇଛି, ବିଭିନ୍ନ ପ୍ରକାର ପୂଜା ପଦ୍ଧତି ଯେପରି – ଶୈବମାନଙ୍କ ସକାଶେ ପ୍ରଭୁ ଶ୍ରୀଜଗନ୍ନାଥ, ଶିବ ଓ ଶାକ୍ତମାନଙ୍କର ଶକ୍ତି । ବୌଦ୍ଧମାନଙ୍କର ବୁଦ୍ଧ, ଜୈନମାନଙ୍କର ଜୀନ । କଳିଯୁଗରେ ସେ ସମସ୍ତ ସମ୍ପ୍ରଦାୟ ସକଳ ମତ ପଥକୁ ଆତ୍ମସାର କରି ଏକାଧାର ବେଦ ବର୍ଣ୍ଣିତ, ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତଥା ତନ୍ତ୍ରାୟିତ ମା ଦକ୍ଷିଣ କାଳୀକା । ଆଗମ ପଦ୍ଧତି/ ନିଗମ ପଦ୍ଧତି ଓ କର୍ମକାଣ୍ଡ ସାଧନା ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ସକାଶେ ସହଜ ଓ ବୋଧଗମ୍ୟ ହୋଇପାରେ । କିନ୍ତୁ ତାନ୍ତ୍ରିକ ସାଧନା ପଦ୍ଧତି ସର୍ବସାଧାରଣଙ୍କ ନିମିତ୍ତ ସହଜ, ସରଳ ଅଟେ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ସମସ୍ତେ ଏ ତନ୍ତ୍ର ଉପାସନା କରି ପାରିବେ । ଏହି ଉପାସନାରେ ମାର୍ଗ ରୂପେ ମନ୍ତ୍ର, ମୁଦ୍ରା, ମୂର୍ତ୍ତି, ଯନ୍ତ୍ର, ତନ୍ତ୍ର ଉପଚାର ଆଦି ପରିକଳ୍ପିତ ହୋଇଥାଏ ।

## ମନ୍ତ୍ର ଦେବତାମାନଙ୍କର ଆତ୍ମା

ସତ୍ୟ ଯୁଗରେ ବୈଦିକ ଉପାସନା , ତ୍ରେତୟା ଯୁଗରେ ସ୍ମାର୍ତ୍ତ, ଦ୍ୱାପର ଯୁଗରେ ପୁରାଣ ସମ୍ମତ ଉପାସନା ଓ କଳିଯୁଗରେ ତାନ୍ତ୍ରିକ ଉପାସନାକୁ ଅଶେଷ ମୋକ୍ଷଦାୟକ ଭାବେ କୁଳାର୍ଣ୍ଣବ ତନ୍ତ୍ରରେ କୁହାଯାଇଛି । କାରଣ କଳିଯୁଗରେ ମନ କଳୁଷିତ ଓ ଅସ୍ଥିର, ସଠିକ୍ ବିଧି ବିଧାନର ଅଭାବ । ତେଣୁ ତନ୍ତ୍ର ମାର୍ଗରେ ସହଜରେ ବ୍ୟକ୍ତି ସିଦ୍ଧି ଲାଭ କରିଥାନ୍ତି ।

ବ୍ରହ୍ମାଙ୍କ ମୁଖ ନିଃସୃତ ବାଣୀକୁ ନିଗମ ଗ୍ରନ୍ଥ ଭାବେ ଗ୍ରହଣ କରାଯାଇଛି । ସେହିପରି ମହାଦେବଙ୍କ ମୁଖ ନିଃସୃତ ବାଣୀକୁ ଆଗମ ଗ୍ରନ୍ଥ ବା ତନ୍ତ୍ର ଶାସ୍ତ୍ର ଭାବେ ସ୍ୱୀକାର କରାଯାଇଛି । ମନକୁ, ହୃଦୟକୁ ଓ ଆତ୍ମାକୁ ଯେଉଁ ଶବ୍ଦ ସମୂହ ତ୍ରାଣ କରେ, ତାହା ମନ୍ତ୍ର । ମନକୁ ନିୟନ୍ତ୍ରଣ କରିବା ଅର୍ଥାତ୍ ଅନ୍ତରକୁ ଚିଦାନନ୍ଦରେ ଆବଦ୍ଧ କରିବା ପାଇଁ ଯନ୍ତ୍ର କୁହାଯାଏ । ମନ ପ୍ରାଣକୁ ଶକ୍ତି ଉପାସନାରେ ନିବଦ୍ଧ କରି ଅଭୀଷ୍ଟ ପୂରଣ ପାଇଁ ସାଧନା କରିବା ହେଉଛି ତନ୍ତ୍ର ପଦ୍ଧତି । ତନ୍ତ୍ର, ଯନ୍ତ୍ର, ମନ୍ତ୍ର ସମନ୍ୱିତ ସାର ଅଟେ। ତନ୍ତ୍ର ସହିତ ମନ୍ତ୍ର ସର୍ବଦା ଜଡ଼ିତ । ମନ୍ତ୍ର ,ଯନ୍ତ୍ର, ତନ୍ତ୍ର ଦେବତାଙ୍କର ଶକ୍ତି ।

‘ ମନନାତ ତ୍ରାୟତେ ‘ ଅର୍ଥାତ୍ ମନନ କଲେ ଯାହା ସାଧୁକୁ ରକ୍ଷା କରିଥାଏ, ତାହା ମନ୍ତ୍ର । ମନ୍ତ୍ର ଦେବତାମାନଙ୍କର ଆତ୍ମା, ମନ୍ତ୍ରାତ୍ମିକା । ‘ ମନ୍ତ୍ରାଧୀନସ୍ତୁ ଦେବତା ‘ ମନ୍ତ୍ରର ଅଧୀନ ହୋଇଥାନ୍ତି ଦେବତା । ମନ୍ତ୍ରରେ ଥିବା ପ୍ରତ୍ୟେକ ବର୍ଣ୍ଣ( ଅକ୍ଷର ) ମନ୍ତ୍ର ଶକ୍ତିରେ ପରିପୂର୍ଣ୍ଣ । ଯନ୍ତ୍ର ହେଉଛି ଦେବତାଙ୍କ ଶରୀର । ଏହାର ଅର୍ଥ ସାଧକକୁ ସଂଯମ କରିବାର ଶିକ୍ଷା ଦେଇଥାଏ । ତନ୍ତ୍ର ମନ୍ତ୍ରୋକ୍ତ ଧ୍ୟାନ ମାଧ୍ୟମରେ ପଟଳ, କବଚ, ସହସ୍ର ନାମ, ସ୍ତୋତ୍ର ଦ୍ୱାରା ଉପାସନା କରିବା ପଦ୍ଧତିକୁ ତନ୍ତ୍ର କୁହାଯାଏ ।

## ଶ୍ରୀଜଗନ୍ନାଥ ହେଉଛନ୍ତି ମହାକାଳୀ

ଶ୍ରୀମନ୍ଦିର ନିର୍ମାଣ ଠାରୁ ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ, ସେବାପୂଜା ଓ ଶେଷରେ ନବକଳେବର ପର୍ଯ୍ୟନ୍ତ ସବୁଥିରେ ତନ୍ତ୍ରର ଗଭୀର ପ୍ରଭାବ ଦେଖିବାକୁ ମିଳିଥାଏ । ରତ୍ନ ସିଂହାସନରେ ଆରୂଢ଼ା ମୂର୍ତ୍ତିଙ୍କର ଆସନ ବଇଠି ମଧ୍ୟ ଯନ୍ତ୍ର ଉପରେ ଆଧାରିତ । ତାରା ଯନ୍ତ୍ର ଉପରେ ଶ୍ରୀବଳଦେବ, ଭୁବନେଶ୍ୱରୀ ଯନ୍ତ୍ର ଉପରେ ଶ୍ରୀସୁଭଦ୍ରା, ଶ୍ୟାମ ଯନ୍ତ୍ର ଉପରେ ଶ୍ରୀଜଗନ୍ନାଥ । ‘ ତାରାଯନ୍ତ୍ରେ ମହାଶେଷଃ ସୁଭଦ୍ରା ଭୁବନେଶ୍ୱରୀ । ଶ୍ୟାମଯନ୍ତ୍ରେ ଶ୍ରୀ ଜଗନ୍ନାଥଃ ଦକ୍ଷିଣ କାଳୀକା ସ୍ୱୟମ । ‘ ଶ୍ରୀଜଗନ୍ନାଥ ହେଉଛନ୍ତି ମହାକାଳୀ । ତନ୍ତ୍ର ସିଦ୍ଧାନ୍ତ ଅନୁଯାୟୀ ସେ ହେଉଛନ୍ତି ସଚ୍ଚିଦାନନ୍ଦ ସ୍ୱରୂପା ଦକ୍ଷିଣ କାଳୀ ।

ତେଣୁ କରି ପ୍ରଭୁ ନାସାରେ ବସଣି, ନାକଚଣା, ମଥାରେ ଓଢ଼ଣୀ, କମର ପଟା ଆଦି ପରିଧାନ କରିଥାନ୍ତି । ବ୍ରହ୍ମଲୀନ ଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ କହନ୍ତି – କା ।ଳ ୀ କୃ ଷ୍ଣ ରୂପ ତୋର ଶ୍ରୀଜଗନ୍ନାଥ । ତନ୍ତ୍ର ଶକ୍ତିର ଆଧାର ଶ୍ରୀ ଜଗନ୍ନାଥ । ଦଶ ମହାବିଦ୍ୟାର ପ୍ରଥମ ମହାବିଦ୍ୟା ମହାକାଳୀ । ଶାକ୍ତ ତତ୍ତ୍ୱ ଅନୁଯାୟୀ ଜଗନ୍ନାଥଙ୍କ ଉପାସନା ମହାକାଳୀଙ୍କ ଉପାସନା ଅଟେ । ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ସ୍ୱରୂପରେ ଉପାସନା କରାଯାଏ । ଏଥିରୁ ଅନୁମେୟ ହୁଏ ଭୁବନେଶ୍ୱରୀ, ବିମଳା ଓ ଦେବୀ ସୁଭଦ୍ରା ଏକ ଓ ଅଭିନ୍ନ । ମହାପ୍ରସାଦରେ ତନ୍ତ୍ର ବିଧି, ପ୍ରାଚୀନ ପରମ୍ପରା ଅନୁସାରେ ବିମଳାଙ୍କୁ ଶ୍ରୀ ଜଗନ୍ନାଥଙ୍କର ନୈବେଦ୍ୟ ବା କୈବଲ୍ୟ( ପ୍ରସାଦ ) ଭୈରବୀ ଚକ୍ରରେ ତାଙ୍କୁ ନିତ୍ୟ ଅର୍ପଣ କରାଯାଏ । କୈବଲ୍ୟ ଭୋଜିନୀ ବିମଳା ( ଭୈରବୀ ) ଙ୍କୁ ଜଗନ୍ନାଥ ରୂପୀ ଭୈରବଙ୍କର ପ୍ରସାଦ ଅର୍ପଣ ପରେ କୌଳାଚାର ପରମ୍ପରାରେ ତାହା ‘ ମହାମାୟା ‘ ପ୍ରସାଦ ବା ମହାପ୍ରସାଦରେ ବିବେଚନା କରାଯାଏ ।

## କୋଇଲି ବୈକୁଣ୍ଠର ପୀଠେଶ୍ୱରୀ ଶ୍ମଶାନ ଚଣ୍ଡୀ

ନିରାକାର ବ୍ରହ୍ମ ସାକାର ବ୍ରହ୍ମ ରୂପେ ରଥ ଯାତ୍ରା ସମୟରେ ରଥାରୂଢ଼ ହୋଇଥାନ୍ତି । ତିନୋଟି ରଥ ଯନ୍ତ୍ର ଶାସ୍ତ୍ର ବିଧି ଅନୁଯାୟୀ ଉଡ୍ଡୀୟାନ ଯନ୍ତ୍ର ଉପରେ ନିର୍ମିତ ହୋଇଥାଏ । ରଥର ଅଧିଷ୍ଠାତ୍ରୀ ଦେବୀ ଚାମୁଣ୍ଡା, ନିର୍ମାଣର ଦେବୀ ମଧ୍ୟ ସେ ଅଟନ୍ତି । ଜଗନ୍ନାଥ ଓ ସୁଦର୍ଶନ ଯେଉଁ ନାଲି ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି ତାହା ତନ୍ତ୍ରର ସମ୍ପୂର୍ଣ୍ଣ ପ୍ରଭାବ ରହିଥାଏ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ତିନି ରଥକୁ ନାଲି, ନୀଳ ଓ କଳା ବସ୍ତ୍ରରେ ଆଚ୍ଛାଦିତ କରାଯାଇଥାଏ । ତନ୍ତ୍ରର ପ୍ରଧାନ ଅଙ୍ଗ ନାଲି, ନୀଳ ଏବଂ କଳା ବସ୍ତ୍ର ଉପରେ ଆଧାରିତ ହୋଇଥାଏ । ରଥମାନଙ୍କର ପାର୍ଶ୍ୱ ଦେବାଦେବୀ ଭଦ୍ରକାଳୀ / ହରଚଣ୍ଡୀ / ବିମଳା / ଜୟଦୁର୍ଗା / କାତ୍ୟାୟନୀ / ବାରାହୀ / ଚାମୁଣ୍ଡା ଅଟନ୍ତି । ଘୋଷ ଯାତ୍ରାରେ ଶାକ୍ତ ତନ୍ତ୍ର, ଶୈବ ତନ୍ତ୍ର ଓ ବୈଷ୍ଣବ ତନ୍ତ୍ରର ମହାମିଳନ ଦୃଶ୍ୟମାନ ହୋଇଥାଏ । ତନ୍ତ୍ର ପୀଠର ପ୍ରଧାନ ସାଧନା ସ୍ଥଳୀ ଶ୍ମଶାନ । ତନ୍ତ୍ର ସାଧନା ନିମନ୍ତେ ସାଧକ ସକାଶେ ସର୍ବୋତ୍କୃଷ୍ଟ ପବିତ୍ର ଭୂମି ରୂପେ ଶ୍ମଶାନକୁ ଚୟନ କରାଯାଇଥାଏ । ଶ୍ମଶାନର ଆରାଧ୍ୟା ଦେବୀ ମହାକାଳୀ । ତେଣୁ କାଳୀଙ୍କ ଗାୟତ୍ରୀ ମନ୍ତ୍ରରେ ଦେଖିବାକୁ ମିଳେ ‘ ଶ୍ମଶାନ ବାସିନ୍ୟୈ ଧୀମହି’ । ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ସିଦ୍ଧି ସକାଶେ ମା କାଳୀଙ୍କ ମନ୍ତ୍ର ଜପ କରାଯାଇଥାଏ । ଏହି ଦୃଷ୍ଟିକୋଣରୁ ଚିନ୍ତା କଲେ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱ ବାହାର ବେଢ଼ାରେ ଦେବ ଶ୍ମଶାନ ବା କୋଇଲି ବୈକୁଣ୍ଠ ରହିଛି । ନବକଳେବର ସମୟରେ ବିଗ୍ରହମାନଙ୍କର ସହ ସାରଥୀ, ଅଶ୍ୱ ଓ ଓଲଟ ଶୁଆ ଆଦିକୁ ଗୋଲକ ସମାଧି ଦିଆ ଯାଇଥାଏ । କୋଇଲି ବୈକୁଣ୍ଠର ପୀଠେଶ୍ୱରୀ ଦେବୀ ରୂପେ ଶ୍ମଶାନ ଚଣ୍ଡୀ ସଦା ବିରାଜିତ । ସାଧକର ସାଧନାରେ ମନ୍ତ୍ର ସହିତ ଯନ୍ତ୍ର / ଅନୁଷ୍ଠାନ ଯେତେବେଳେ ଯୋଗ ହୁଏ, ତାହା ତାନ୍ତ୍ରିକ କ୍ରିୟା ହୋଇଥାଏ; ଯାହା ଶ୍ରୀ ଜଗନ୍ନାଥଙ୍କର ନିତ୍ୟ ନୈମିତିକ ସେବା ନୀତିରେ ଏହା ପରିଲକ୍ଷିତ ହୋଇଥାଏ । ଶ୍ରୀମନ୍ଦିର ନିର୍ମାଣ / ପୂଜନ / ଶ୍ରୀ ବିଗ୍ରହଙ୍କ ବସ୍ତ୍ର ପରିଧାନ / ରଙ୍ଗ / ବର୍ଣ୍ଣ / ଯାନିଯାତ୍ରା /ପ୍ରସାଦ ତନ୍ତ୍ର ଶାସ୍ତ୍ରର ସମ୍ପୂର୍ଣ୍ଣ ରୂପରେଖ ।ତେଣୁ ପ୍ରଭୁ ଶ୍ରୀ ଜଗନ୍ନାଥ ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ଦେବତା ଅଟନ୍ତି ।

***-ଜଗଦାନନ୍ଦଜୀ ମହାରାଜ, ସଂସ୍କୃତି ଗବେଷକ, ମୋ: ୯୪୩୭୨୩୬୫୭୫***





# ସିନେମାରେ ଶ୍ରୀଜଗନ୍ନାଥ...

ଶ୍ରୀଜଗନ୍ନାଥଙ୍କର ଜନପ୍ରିୟତା କେବଳ ଓଡ଼ିଶା ମଧ୍ୟରେ ସୀମିତ ନ ରହି ଦେଶ ଭିତରେ ଓ ବାହାରେ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ । ସାହିତ୍ୟ, ସଙ୍ଗୀତ ଓ ସ୍ଥାପତ୍ୟ ଶିଳ୍ପ ମଧ୍ୟରେ ଜଗନ୍ନାଥ ଧର୍ମ ଓ ସାହିତ୍ୟର ପରିବେଷଣ ବହୁଦିନ କ୍ଷୀପ୍ରତର ହେବାରେ ଲାଗିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ଓଡ଼ିଆ ସିନେମା ତିଆରି ହୋଇଛି ଏବଂ ଏହା କୋଟି କୋଟି ଓଡ଼ିଆଙ୍କ ହୃଦୟ ଭିତରେ ମହାପ୍ରଭୁଙ୍କ କୃପା ବାରିଧାରା ତଥା ଅଲୌକିକ ମହିମାର ଚେତନାକୁ ଜାଗ୍ରତ କରିଛି । ଫିଲ୍ମ ଆମ ସଂସ୍କୃତିର ଅଂଶ ବିଶେଷ । ସାହିତ୍ୟ ଭଳି ଫିଲ୍ମ ଜରିଆରେ ମଧ୍ୟ କେବଳ କଳାତ୍ମକ ଦକ୍ଷତାର ପରିପ୍ରକାଶ ଘଟେନି, ତା ମାଧ୍ୟମରେ ଗୋଟେ ଦେଶ, ରାଜ୍ୟ, ସମାଜ, ଭାଷା ବା ଜାତିର ସାମୂହିକ ଭାବ ପ୍ରବଣତା ବି ପ୍ରକାଶ ପାଏ । ଓଡ଼ିଆଙ୍କ ଜନଜୀବନ ଓ ଭାବ ପ୍ରବଣତାରେ ଜଗନ୍ନାଥଙ୍କ ଗଭୀର ପ୍ରଭାବ ରହିଛି । ତେଣୁ ଆମ ସାହିତ୍ୟ ଓ ଜୀବନଶୈଳୀ ଭଳି ଓଡ଼ିଆ ସିନେମାରେ ବି ଜଗନ୍ନାଥଙ୍କୁ ଆମେ ବାରମ୍ବାର ଭେଟିଛୁ । ଫିଲ୍ମ ନିର୍ମାତାମାନେ ଓଡ଼ିଆ ଜୀବନର ଚିତ୍ର ଆଙ୍କିବାକୁ ଯାଇ କେବେ ଜଗନ୍ନାଥଙ୍କୁ କାହାଣୀ ଭିତରକୁ ଆଣିଛନ୍ତି ତ ପୁଣି କେବେ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଭିତରେ ଥିବା ଅନୁରକ୍ତିକୁ ଦେଖି ଭଲ ବ୍ୟବସାୟ ଆଶାରେ ତାଙ୍କୁ ନେଇ ଫିଲ୍ମ ତିଆରି କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହୋଇଥିବା ସିନେମା ସମ୍ପର୍କରେ ଆଲୋଚନା କଲାବେଳେ ସର୍ବପ୍ରଥମେ ତିଆରି ହୋଇଥିଲା ‘ସୀତା ବିବାହ’ । ପରେ ୧୯୪୯ ମସିହାରେ ‘ଲଳିତା’ ଠାରୁ ୨୦୧୪ ମସିହା ଭିତରେ ରିଲିଜ ହୋଇଥିବା ‘ବାଇଶି ପାହାଚେ ଖେଳିବ ମୀନ’ ଭିତରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଫିଲ୍ମର କାହାଣୀରେ ଜଗନ୍ନାଥ ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ସିଧା ବର୍ଣ୍ଣନା ରହିଛି । ତା ବାହାରେ ଆହୁରି ଅନେକ ଫିଲ୍ମରେ ଜଗନ୍ନାଥଙ୍କ ମହିମା ଓ ତାଙ୍କର ଭଜନ ଆଦି ସ୍ଥାନ ପାଇଛି । ଓଡ଼ିଶାର ପ୍ରଥମ ଫିଲ୍ମ ‘ସୀତାବିବାହ’ ରିଲିଜ ହୋଇଥିଲା ୧୯୩୬ ମସିହାରେ । ତାପରେ ଦ୍ୱିତୀୟ ଓଡ଼ିଆ ଫିଲ୍ମ ‘ଲଳିତା’ ରିଲିଜ ହୋଇଥିଲା ୧୯୪୯ରେ । ଶ୍ରୀମନ୍ଦିର ନିର୍ମାଣ କାହାଣୀର ଆଧାରରେ ଏ ଫିଲ୍ମଟି ତିଆରି ହୋଇଥିଲା । ୧୯୫୦ ମସିହାରେ ରିଲିଜ ହୋଇଥିଲା ତୃତୀୟ ଓଡ଼ିଆ ଫିଲ୍ମ ‘ଶ୍ରୀଜଗନ୍ନାଥ’ । ରୂପ ଭାରତୀ ପବ୍ଲିକ ଲିମିଟେଡ ବ୍ୟାନରରେ ନିର୍ମିତ ‘ଶ୍ରୀଜଗନ୍ନାଥ’ ପଛରେ ଗୋପାଳ ଘୋଷଙ୍କ ପ୍ରଚ୍ଛନ୍ନ ଭୂମିକା ଥିଲା । ଏଥିରେ ବଙ୍ଗଳା ଓ ତେଲଗୁ ଡବିଂ ମଧ୍ୟ ହୋଇଥିଲା । ଶ୍ରୀଜଗନ୍ନାଥର ତେଲଗୁ ରୂପାନ୍ତର ସମଗ୍ର ଦକ୍ଷିଣ ଭାରତରେ ଚହଳ ସୃଷ୍ଟି କରିଥିଲା । ବଙ୍ଗଳା ‘ଶ୍ରୀଜଗନ୍ନାଥ’ ବିଷୟରେ ଇଂରାଜୀ ଖବର କାଗଜ ‘ଦି ଷ୍ଟେଟସମ୍ୟାନ’ରେ ଯେଉଁ ଖବରଟି ପ୍ରକାଶିତ ହୋଇଥିଲା ତାର ଶୀର୍ଷକ ଥିଲା ‘ଶ୍ରୀଜଗନ୍ନାଥ ବ୍ରିଙ୍ଗସ ଷ୍ଟ୍ରମସ୍ ଇନ କ୍ୟାଲକାଟା’ । ୧୯୫୦ରୁ ୧୯୫୧ ପର୍ଯ୍ୟନ୍ତ ଏହି ଧାରା ନିରବ ରହିଲା । କାରଣ ‘ଶ୍ରୀଜଗନ୍ନାଥ’ର ପ୍ରଚୁର ସଫଳତା ପରେ ଅନ୍ୟ କେହି ଜଗନ୍ନାଥଙ୍କୁ ନେଇ ଫିଲ୍ମ କରିବାକୁ ଉଚିତ ମନେ କଲେ ନାହିଁ । ଜଗନ୍ନାଥଙ୍କର ଭିନ୍ନ ଅନ୍ୟ କାହାଣୀ ନେଇ ଫିଲ୍ମ କରିବାରେ ବିଫଳତା ତଥା ଶ୍ରୀଜଗନ୍ନାଥକୁ ଟପି ନ ପାରିବାର ଭୟ ଏହାର କାରଣ ହୋଇପାରେ । ତେବେ ୧୯୫୯ ମସିହାରେ ଆସ୍କାର କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ପ୍ରସ୍ତୁତ କଲେ ‘ମହାଲକ୍ଷ୍ମୀ ପୂଜା’ । ୧୯୬୨ରେ ପୁରୀର ସୁକୁମାର ଗାଙ୍ଗୁଲି ପ୍ରସ୍ତୁତ କରିଥିଲେ ‘ଶ୍ରୀଶ୍ରୀ ପତିତପାବନ’ । ଗାଙ୍ଗୁଲି ସେନାବାହିନୀରେ ଫଟୋଗ୍ରାଫର ଚାକିରି କରୁଥିଲେ । ନିଜକୁ ଭଲ ଲାଗୁଥିବା ପୁରୀର କିଛି ଦୃଶ୍ୟର ସୁଟିଂ କରି କଲିକତାରେ ତାର ଏଡିଟିଂ କରି ସେ ‘ଶ୍ରୀଶ୍ରୀ ପତିତପାବନ’ ଫିଲ୍ମ ତିଆରି କରିଥିଲେ । ତାକୁ ବଜାରକୁ ବି ଛାଡ଼ିଥିଲେ । ତେବେ ଏହା ସେପରି ସଫଳତା ପାଇନଥିଲା । ପରେ ପରେ ଜଗନ୍ନାଥଙ୍କୁ ନେଇ ୧୯୬୩ରେ ‘ଜୟଦେବ’ ପ୍ରଯୋଜକ କଲ୍ୟାଣ ଗୁପ୍ତ, ନିର୍ଦ୍ଦେଶକ ଶିବ ଭଟ୍ଟାଚାର୍ଯ୍ୟ, କାହାଣୀ ଓ ସଂଳାପ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ସଙ୍ଗୀତ ବାଳକୃଷ୍ଣ ଦାଶ, ୧୯୭୭ରେ ‘ବନ୍ଧୁ ମହାନ୍ତି’ ପ୍ରଯୋଜକ ଧୀରେନ ମହାନ୍ତି, ନିର୍ଦ୍ଦେଶକ ଚିତ୍ରନାଟ୍ୟ ଓ ସଂଳାପ ନିତାଇ ପାଲିତ, ସଙ୍ଗୀତ ପ୍ରଫୁଲ୍ଲ କର, ୧୯୭୯ରେ ‘ଶ୍ରୀଜଗନ୍ନାଥ’ (ଦ୍ୱିତୀୟ, ପ୍ରଯୋଜକ କ୍ରାନ୍ତି କୁମାର, ନିର୍ଦ୍ଦେଶକ ବିଜୟ ଭାସ୍କର, ସଙ୍ଗୀତ ଅକ୍ଷୟ ମହାନ୍ତି) ଓ ‘ନୀଳମାଧବ’ ପ୍ରଯୋଜକ, ନିର୍ଦ୍ଦେଶକ ଓ ଚିତ୍ରନାଟ୍ୟ ଜଗନ୍ନାଥ ପ୍ରସାଦ ଭଗତ, ସଙ୍ଗୀତ ନିର୍ମଳ କୁମାର ନିର୍ମାଣ କରାଯାଇଛନ୍ତି । ସେହିପରି ୧୯୮୩ରେ ନିର୍ମାଣ କରା ଯାଇଥିଲା ‘ଭକ୍ତ ସାଲବେଗ’ ୧୯୮୫ରେ ‘ଜଗାବଳିଆ’, ୧୯୮୬ରେ ‘ମାଣିକ’ ତଥା ୧୯୮୭ରେ ‘ଜୟଦେବ’ (ଦ୍ୱିତୀୟ) । ଅମୀୟ ପଟ୍ଟନାୟକ ୧୯୮୮ ମସିହାରେ ‘ପୁଅ ମୋର କଳାଠାକୁର’, ‘୧୯୮୯ରେ ଚକା ଆଖି ସବୁ ଦେଖୁଛି’ ଓ ‘ଆସୁଛି ମୋ କାଳିଆ ସୁନା’ ତଥା ୧୯୯୦ରେ ‘ଚକାଡୋଳା କରୁଛି ଲୀଳା’ ଭଳି ଜଗନ୍ନାଥଙ୍କୁ ନେଇ ଚାରିଟି ଫିଲ୍ମ ନିମାଣ କରିଥିଲେ । ଏ ଫିଲ୍ମ ଗୁଡ଼ିକରେ ସାମାଜିକ କଥାବସ୍ତୁ ଓ ଆଧୁନିକତାର ଛାପ ଥିଲେ ମଧ୍ୟ ଜଗନ୍ନାଥଙ୍କ ମହିମା ସଂପର୍କରେ ବର୍ଣ୍ଣନା ଥିଲା । ସେଗୁଡ଼ିକ ବହୁ ବ୍ୟବସାୟିକ ସଫଳତା ହାସଲ କରିଥିଲା । ୧୯୯୦ ମସିହାରେ ‘ଠାକୁର ଅଛନ୍ତି ଚଉବାହାକୁ’, ୧୯୯୧ରେ ‘କାଳିଆ ଭରସା’ ଓ ‘କୋଟିଏ ମଣିଷ ଗୋଟଏ ଜଗା’, ୧୯୯୨ରେ ‘ଏଇ ଆଖି ଆମ ସାକ୍ଷୀ’ ଓ ‘ହିସାବ କରିବ କାଳିଆ’, ୧୯୯୩ରେ ‘ପଥର ଖସୁଛି ବଡ଼ଦେଉଳୁ’, ୧୯୯୫ରେ ‘ମୋ ଭାଇ ଜଗା’ ଓ ‘ସୁଭଦ୍ରା’, ୧୯୯୬ରେ ‘ରଘୁ ଅରକ୍ଷିତ’, ୨୦୦୩ରେ ‘ବାହୁଡ଼େ ମୋ ଜଗାବଳିଆ’, ୨୦୦୪ରେ ‘ସାକ୍ଷୀ ରହିଲା ଏ ସିଂହ ଦୁଆର’ ଜଗନ୍ନାଥଙ୍କର ମହିମାକୁ ଆଧାର କରି ନିର୍ମିତ ହୋଇଥିଲା । ଏଗୁଡ଼ିକ ଭିତରୁ କେତୋଟି ହିଟ ହୋଇଥିବାବେଳେ କିଛି ବ୍ୟବସାୟରେ ପୂରା ବିଫଳ ମଧ୍ୟ ହୋଇଥିଲେ । ୨୦୦୭ ମସିହାରେ ରିଲିଜ ହୋଇଥିଲା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ଡ୍ରିମ ପ୍ରୋଜେକ୍ଟ ‘ଜୟ ଜଗନ୍ନାଥ’ । ଏହି ଫିଲ୍ମ ଉଭୟ ଓଡ଼ିଆ ଓ ହିନ୍ଦୀରେ ନିର୍ମିତ ହୋଇଥିଲା, ପରେ ଇଂରାଜୀ ସମେତ ୧୩ଟି ଆଞ୍ଚଳିକ ଭାରତୀୟ ଭାଷାରେ ଡବିଂ ହୋଇଥିଲା ଏବଂ ସମଗ୍ର ଭାରତ ଓ ଦେଶ ବାହାରେ ମଧ୍ୟ ମୁକ୍ତିଲାଭ କରିଥିଲା । ଜଗନ୍ନାଥଙ୍କୁ ଆଧାର କରି ଏହା ଥିଲା ସବୁଠାରୁ ବଡ଼ ବଜେଟର ଫିଲ୍ମ । ଜଗନ୍ନାଥ ଓଡ଼ିଆର ହୃଦୟର ଠାକୁର । ଓଡ଼ିଆର ନିଶ୍ୱାସ ଓ ବିଶ୍ୱାସରେ ସେ ଅଛନ୍ତି । ତେଣୁ ଜଗନ୍ନାଥଙ୍କୁ ନେଇ ଭଲ ଫିଲ୍ମ ତିଆରି ହେଲେ ଓଡ଼ିଆମାନେ ନିଶ୍ଚୟ ଆକର୍ଷିତ ହୋଇଯିବେ । ଆଜିକାଲି ତ ଐତିହାସିକ ଓ ପୌରାଣିକ ଚରିତ୍ରଙ୍କୁ ନେଇ ବିଗ ବଜେଟ ଫିଲ୍ମ ତିଆରିବା ହଲିଉଡ ଓ ବଲିଉଡରେ ଭାରି ଲୋକପ୍ରିୟ ହେଲାଣି । ସେହି ଶୈଳୀରେ ଶ୍ରୀଜଗନ୍ନାଥଙ୍କୁ ନେଇ ଗଢ଼ି ଉଠିଥିବା ଚମତ୍କାର କିମ୍ବଦନ୍ତୀଗୁଡ଼ିକର ଆଧାରରେ ବିଶ୍ୱସ୍ତରରେ ଚମତ୍କାର ବ୍ୟବସାୟିକ ଫିଲ୍ମ ତିଆରି କରିବା ଅସମ୍ଭବ ନୁହେଁ । ସେଥିପାଇଁ କିନ୍ତୁ ଲୋଡ଼ା ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ ।

***-ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ***

## ପକ୍କା ରାସ୍ତା ପାଇଁ ଶିଳାନ୍ୟାସ



କାଶୀନଗର (ନିପ୍ର): କାଶୀନଗର ବ୍ଲକର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ନେଇ ଗ୍ରାମବାସୀମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋଟେ ପକ୍କା ରାସ୍ତା ନ ଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜରୁରୀ କାଳୀନ ପରିସ୍ଥିତିରେ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖି ବିଧାୟକ ଶ୍ରୀ ପାଣିଗ୍ରାହୀ କାଶୀନଗର ବ୍ଲକ ଅନ୍ତର୍ଗତ ସାରସଙ୍ଗଗୁଡା ଠାରୁ କୁସୁମଗୁଡା ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଠାରୁ କୁସୁମଗୁଡ଼ା ପ୍ରାୟ ସାଢେ ଦୁଇ କିଲୋମିଟରର ରାସ୍ତା ନିର୍ମାଣ ସକାଶେ ୨ କୋଟି ୫୨ ଲକ୍ଷ୍ୟ ଟଙ୍କାରେ ଅନୁଦାନର ଭିତ୍ତିଭୂମି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ପରେ ଖାରଡା ପଞ୍ଚାୟତର ଖାରଡାସିଂ ଠାରୁ ବାବୁଲଗୁଡ଼ା ପର୍ଯ୍ୟନ୍ତ ୩ କିଲୋମିଟରର ରାସ୍ତା ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ପକ୍କା ରାସ୍ତା ପାଇଁ ନିର୍ମାଣ ସକାଶେ ମଧ ଶିଳାନ୍ୟାସ କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାୟାମା, ସରପଞ୍ଚ ଅଖିଳ ପାତ୍ର ପ୍ରମୁଖଙ୍କ ସହ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକ ରାଜକିଶୋର ଓଝାଙ୍କ ପରଲୋକ

ଚାରିଛକ, (ନିପ୍ର): ଚାରିଛକ ନିକଟସ୍ଥ ନୟାହାଟ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ତଥା 'ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ'ର ସଦସ୍ୟ ରାଜକିଶୋର ଓଝା (୭୪) ଙ୍କର ପରଲୋକ ହୋଇଯାଇଛି। ହୃଦଘାତରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ଭଦ୍ର, ପରୋପକାରୀ, ନିଷ୍କଳଙ୍କ, ପରଉପକାରୀ, ସହୃଦୟ ବ୍ୟକ୍ତିଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କର ଏହି ଅକାଳ ବିୟୋଗ ଖବର ପାଇ 'ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚ' ଏବଂ ସ୍ଥାନୀୟ କ୍ଲବ ପକ୍ଷରୁ ନୟାହାଟଠାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା।

## ଧର୍ମଗଡ଼ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଧର୍ମଗଡ,(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୁଜ୍ଞାନ କୁମାର ବାରିକ ଯୋଗଦାନ କରିଛନ୍ତି। ପୂର୍ବରୁ ସେ କୋକସରା ଥାନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟରତ ଥିଲେ। ପୋଲିସ ପ୍ରଶାସନର ବଦଳି ଆଦେଶ ଅନୁଯାୟୀ, ଧର୍ମଗଡ଼ ଥାନାର ପୂର୍ବତନ ଥାନା ଅଧିକାରୀ ସୁଦର୍ଶନ ନାୟକଙ୍କୁ କଳାହାଣ୍ଡି ଜିଲ୍ଲା ମହିଳାଙ୍କ ବିରୋଧୀ ଅପରାଧ ତ ଶାଖାକୁ ବଦଳି କରାଯାଇଛି। ଶ୍ରୀ ବାରିକ ଆଜି ସେ ନୂତନ ଦାୟିତ୍ୱ ଗ୍ରହଣ କହିଛନ୍ତି । ଧର୍ମଗଡ଼ ଥାନା ଅଞ୍ଚଳରେ ଆଇନଶୃଙ୍ଖଳାକୁ ଅଧିକ ସୁଦୃଢ଼ ତଦନ୍ତ କରିବା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ନିୟମିତ ପାଟ୍ରୋଲିଂ ଓ ସାଧାରଣ ଲୋକଙ୍କୁ ତ୍ୱରିତ ପୁଲିସ ସେବା ପ୍ରଦାନ କରିବା ତାଙ୍କ ପ୍ରାଥମିକତା ରହିବ ।

## ଜିଲ୍ଲାପାଳଙ୍କ ଜନଶୁଣାଣି


ଭାପୁର(ନିପ୍ର): ଭାପୁର ବ୍ଲକ ସଭାଗୃହ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ଅଭିଯୋଗର ଜନଶୁଣାଣୀ କରିଥିଲେ। କାର୍ଯ୍ୟକ୍ରମରେ,ଆରକ୍ଷୀ ଅଧିକ୍ଷକ ସୂଦୀପ୍ତ କୁମାର ସାହୁ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପାଦାର,ଆରକ୍ଷୀ ଉପଖଣ୍ଡ ଅଧିକାରୀ ସରୋଜ କୁମାର ସାହୁ, ଭାପୁର ତହସିଲଦାର ଲୋପାମୁଦ୍ରା ରଥଙ୍କ ସମେତ ନୟାଗଡ଼ ଜିଲ୍ଲା ଓ ଭାପୁର ବ୍ଲକରୁ ବିଭିନ୍ନ ବିଭାଗର ପ୍ରଶାସନିକ ପଦାଧିକାରୀମାନେ ଯୋଗ ଦେଇ ଅଭିଯୋଗର ପକ୍ଷ ରଖି ନିଷ୍ପତି ଗ୍ରହଣ କରିଥିଲେ। ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୧୬ ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୮୮ ଗୋଟି ବ୍ୟକ୍ତିଗତ, ଅଭିଯୋଗ କରାଯାଇଥିଲା ।

## ରଥଯାତ୍ରାରେ ସେବା କାର୍ଯ୍ୟ ନିମନ୍ତେ ଯୁବକ ସଂଘର ପ୍ରସ୍ତୁତି

ଖଣ୍ଡପଡ଼ା,(ନି.ପ୍ର): ଗଡଜାତ ଖଣ୍ଡପଡ଼ା ସହରରେ ଆସନ୍ତାକାଲି ଗୁରୁବାର ଶ୍ରୀଜୀଉଙ୍କ ପବିତ୍ର ଘୋଷଯାତ୍ରା ଓ ୯ ଦିନ ପରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ତେବେ ଯାତ୍ରାରେ ଆନୁସଙ୍ଗିକ ସେବା କାର୍ଯ୍ୟ ନିମନ୍ତେ ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟାମାନେ ଆଗେଇ ଆସିଛନ୍ତି। ଯାତ୍ରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଯୁବକ ସଂଘର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ସଦସ୍ୟମାନେ ମତ ଦେଇଛନ୍ତି। ସେହିପରି ଯାତ୍ରାର ସୁପରିଚାଳନା ନିମନ୍ତେ ସେମାନେ ପୁଲିସ ପ୍ରଶାସନ ଓ ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷଙ୍କୁ ସଂପୂର୍ଣ୍ଣ ରୁପେ ସହଯୋଗ କରିବେ ବୋଲି ଯୁବକ ସଂଘର ସଦସ୍ୟମାନେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ସମବେତ ହୋଇ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଖଣ୍ଡପଡା ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ,ଏସଡିପିଓ ସରୋଜ କୁମାର ସାହୁ ଓ ଖଣ୍ଡପଡା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଉପସ୍ଥିତିରେ ଯୁବକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଚଳିତ ବର୍ଷ ଶ୍ରୀ ଜୀଉଙ୍କ ପବିତ୍ର ଘୋଷଯାତ୍ରା ଓ ବାହୁଡା ଯାତ୍ରା କିପରି ଶୃଙ୍ଖଳିତ ଭାବେ ସମାପନ ହେବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

### ଦାମୀ କାରରେ ଗଞ୍ଜେଇ ଚାଲାଣ

# ଗୋଡ଼ାଇ ଗୋଡ଼ାଇ ଧରିଲା ଅବକାରୀ ଟିମ୍



ଭୁବନେଶ୍ୱର(ନିପ୍ର): ଗଞ୍ଜେଇ କାରବାରର ନୂଆ ନୂଆ ତରିକା। ଦାମୀ କାରରେ କନ୍ଧମାଳରୁ ଭୁବନେଶ୍ୱରକୁ ଭାୟା ନାୟଗଡ଼ ଦେଇ ଗଞ୍ଜେଇ ଚାଲାଣ କରୁଥିଲେ । ହେଲେ ଅବକାରୀ ଅଧିକାରୀଙ୍କ ତୀକ୍ଷ୍ଣ ନଜରରୁ ଖସିପାରିଲେନି ଲୈଲା-ମଜନୁ। ଗୋଡ଼ା ଗୋଡ଼ି ବେଳେ ମାଡ଼ି ବସିଲା ଅବକାରୀ ଟିମ୍। ଦୁଇଟି ଦାମ୍ କାର ଡିକିରୁ ପ୍ରାୟ ୭୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ ମାମଲାରେ ୨ ଜଣ ମହିଳାଙ୍କ ସମେତ ୨ ପୁରୁଷଙ୍କୁ ଅଟକ ରଖି ପଚରାଉଚରା କରିଛୁ ଟିମ୍। କନ୍ଧମାଳରୁ ଭୁବନେଶ୍ୱରକୁ ଭାୟା ନୟାଗଡ଼ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ପାଖରେ ସୂତ୍ରରୁ ଖବର ପାଇଥିଲା । ଏହି ସୂଚନା ଆଧାରରେ ଆକ୍ୱନ ମୋଡ଼କୁ ଆସିଥିଲା ଅବକାରୀ ଟିମ୍ । ନୟାଗଡ଼ ଅଞ୍ଚଳରେ ଛକି ରହିଥିଲେ ଅବକାରୀ ଅଧିକାରୀ । ଦ୍ରୁତ ଗତିରେ ଆସୁଥିବା ୨ଟି ଦାମୀ କାରକୁ ଅଟକାଇବାକୁ ଚେଷ୍ଟା କରିବା ବେଳେ ଚାଲାଣକାରୀମାନେ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଅବକାରୀ ବିଭାଗ ଗୋଡ଼ାଇ ଗୋଡ଼ାଇ ଶେଷରେ ସେମାନଙ୍କୁ ମାଡ଼ି ବସିଥିଲା । ଖାନତଲାସୀ ସମୟରେ ଗାଡ଼ି ଭିତରୁ ପ୍ରାୟ ୭୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ଅବକାରୀ ବିଭାଗ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ଏହା ସହିତ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଦୁଇଟି ଦାମୀ କାର୍ ମଧ ଜବତ କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ଗଞ୍ଜେଇ ଚାଲାଣ ରାକେଟର ମାଷ୍ଟର ମାଇଣ୍ଡ ହେଉଛନ୍ତି ଜଣେ ମହିଳା ଏବଂ ତାଙ୍କ ସ୍ୱାମୀ । କାହାକୁ ସନ୍ଦେହ ନହେବା ପାଇଁ ସୁନ୍ଦରୀ ମହିଳା ଜଣକ ନିଜ ସ୍ୱାମୀ ଓ ଅନ୍ୟମାନଙ୍କ ସହ ମିଶି ପରିବାର ଭଳି ଦାମୀ ଗାଡ଼ିରେ ଗଞ୍ଜେଇ ଚାଲାଣ କରୁଥିଲେ।

### ୨୫ ହଜାର ଟଙ୍କା ଲାଞ୍ଚ ଦାବି କରୁଥିଲେ

## ରାଜସ୍ୱ ନିରୀକ୍ଷକଙ୍କୁ ଗିରଫ କଲା ଭିଜିଲାନ୍ସ

ରାୟଗଡା,(ନିପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ତହସିଲର ସିରିଝୁଲି ଆର ଆଇ ସୁଶାନ୍ତ ମଲ୍ଲିକ ଏକ ମ୍ୟୁଟେସନ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ଏବଂ ତାଙ୍କ ପୈତୃକ ଜମିର (ଜମି ପଟା) ତାଙ୍କ ସପକ୍ଷରେ ପ୍ରଦାନ କରିବା ପାଇଁ ଜଣେ ଆବେଦନକାରୀଙ୍କଠାରୁ ୨୫,୦୦୦ ଟଙ୍କା ଲାଞ୍ଚ ଦାବି କରୁଥିବା ଏବଂ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ଆବେଦନକାରୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ ବିଭାଗରେ ସରକାରଙ୍କ ନିୟମ ଅନୁଯାୟୀ ଅନଲାଇନରେ ଆବେଦନ କରିଥିଲେ ଏବଂ ଆବଶ୍ୟକ ଫି ଜମା କରିଥିଲେ। କିନ୍ତୁ, ଅଭିଯୁକ୍ତ ଆର୍‌ଆଇ ଶ୍ରୀ ମଲ୍ଲିକ ବିନା କାରଣରେ ପ୍ରକ୍ରିୟାରେ ବିଳମ୍ବ କରୁଥିଲେ। ବରଂ, ଅଭିଯୁକ୍ତ ଆରଆଇ ଶ୍ରୀ ମଲ୍ଲିକ ୨୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଏହା ଆବେଦନକାରୀ (ଅଭିଯୋଗକାରୀ)ଙ୍କୁ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ହଇରାଣ ହରକତ ଅଭିଯୋଗ କରି ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବାକୁ ପ୍ରଲୋଭିତ କରିଥିଲା। ଏହା ପରେ, ଆଜି, ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଶ୍ରୀ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟ ରୁମରେ ଅଭିଯୋଗରୁ ୨୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲା। ଅଭିଯୁକ୍ତ ଶ୍ରୀମଲ୍ଲିକଙ୍କ ଠାରୁ ଲାଞ୍ଚ ଟଙ୍କା ୨୫,୦୦୦ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି।ଏହି ସମ୍ପର୍କରେ, କୋରାପୁଟ ଭିଜିଲାନ୍ସ ପି.ଏସ. କେସ୍ ନମ୍ବର ୧୬/୨୦୨୬, ୟୁ/ଏସ୍-୭ପିସି (ସଂଶୋଧନ) ଆଇନ, ୨୦୧୮ ପଂଜୀକୃତ ହୋଇଛି। ଅଭିଯୁକ୍ତ ଶ୍ରୀ ମଲ୍ଲିକ, ଆର୍‌ଆଇଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି। ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ସନ୍ଦେହରେ ଚଢ଼ାଉ ଜାରି ରହିଥିବା ଜୟପୁର ଭିଜିଲାନ୍ସ ତରଫରୁ ସୂଚନା ଦିଆଯାଇଛି ।

## ଆଉ ଶୁଭୁନି ଛତା ମରାମତିର ଡାକ



ଭାପୁର (ନିପ୍ର): ବର୍ଷା ଦିନେ ସମସ୍ତଙ୍କର ବନ୍ଧୁ ଛତା। ନାହିଁ ଗରିବ ନାହିଁ ଧନୀ ବର୍ଷାଦିନେ ସମସ୍ତଙ୍କ ପାଇଁ ଛତା ଲୋଡ଼ା ପଡିଥାଏ। ଏହି ଛତାର ବ୍ୟବହାର କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି କିନ୍ତୁ, ବର୍ତମାନ ବର୍ଷାରୁ ରକ୍ଷା ପାଇବା ପାଇଁ ମଣିଷ ଆଧୁନିକ ପନ୍ଥା ଆପଣେଇବାରୁ ଛତାର ବ୍ୟବହାର ଧୀରେଧୀରେ କମିଗଲାଣି। ଫଳରେ,ଛତା ମରାମତି କାର୍ଯ୍ୟ କରୁଥିବା ଦୋକାନ ହେଉ କି ଗାଁଗାଁ ବୁଲି ଛତା ମରାମତି କାର୍ଯ୍ୟ କରୁଥିବା କାରିଗର ମାନଙ୍କର ଡାକ ଆଉ ଶୁଭୁ ନାହିଁ। ଫଳରେ,ବର୍ତମାନ ସୁଦ୍ଧା ଗରିବ ମାନଙ୍କ ଘରେ ରହିଥିବା ଛତା ମରାମତି ଅଭାବରୁ ବର୍ଜ୍ୟବସ୍ତୁ ହୋଇପଡିଛି ଏବଂ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ଦେଇ ନୂଆ ଛତା ଟିଏ କିଣୁଛି।ଏହି ଛତା ର ନିର୍ମାତା କାଳକ୍ରମେ,ଧୀରେ ଧୀରେ ଏହାର ରୂପରେଖ ବଦଳି ବିଭିନ୍ନ ପ୍ରକାର ର ଛତା ଉଦ୍ଭାବନ ହୋଇଛି। ଛତାର ନିର୍ମାଣ ସୁକ୍ଷ୍ମକଳା ରେ ନିର୍ମିତ ହୋଇଥିବାରୁ ଏହାର ମରାମତି ପ୍ରତ୍ୟେକ ବର୍ଷ ଲୋଡ଼ା ପଡିଥାଏ କିନ୍ତୁ,ଆଉ ସାଧାରଣରେ ଛତାର ବ୍ୟବହାର ନ ଥିବାରୁ ମରାମତି କାରିଗର ଦେଖିବାକୁ ମିଳୁ ନାହିଁ।

## ଓଡ଼ିଶାର ସାମାଜିକ ଓ ସଂସ୍କୃତିକ ବିକାଶ ଦିଗରେ ଗୋପବନ୍ଧୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: କୁଳପତି



ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଂସ୍କୃତି ଅଧ୍ୟୟନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ସ୍ନାତକୋତ୍ତର ବିଭାଗର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । 'ସତ୍ୟବାଦୀ ଯୁଗର ସାଂସ୍କୃତିକ ବିଚାରଧାରା ଓ ଗୋପବନ୍ଧୁ ଦାସ' ଶୀର୍ଷକ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ଓଡ଼ିଶାର ସାମାଜିକ ଓ ସଂସ୍କୃତିକ ବିକାଶ ଦିଗରେ ଗୋପବନ୍ଧୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ପଣ୍ଡିତ ଗୋପବନ୍ଧୁ ତାଙ୍କ କାଳଜୟୀ ରଚନା ମାଧ୍ୟମରେ ଓଡ଼ିଶାର ସଂସ୍କୃତି ଓ ଦର୍ଶନର ମହନୀୟତାକୁ ପ୍ରତିବିମ୍ବିତ କରିବାରେ ସଫଳ ହୋଇପାରିଥିଲେ ବୋଲି ସେ କହିଥିଲେ । ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଗୋପବନ୍ଧୁଙ୍କ କୃତି ଓ କୃତିତ୍ୱର ତଥ୍ୟାତ୍ମକ ବିବରଣୀ ପ୍ରଦାନ କରିବା ସହ ସାଂପ୍ରତିକ, ସାମାଜିକ ଓ ସାଂସ୍କୃତିକ ଜୀବନରେ ସେଗୁଡ଼ିକର ଆବଶ୍ୟକତା ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା, ଡ. ଲକ୍ଷ୍ମଣ କୁମାର ସାହୁ ଓ ଡ. ଅଜୟ କୁମାର ବିଶ୍ୱାଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଗୋପବନ୍ଧୁଙ୍କ ଜୀବନୀ ଓ ଅବଦାନ ସଂପର୍କରେ ବକ୍ତବ୍ୟ ରଖିବା ସହ ସତ୍ୟବାଦୀ ଯୁଗର ସାହିତ୍ୟରେ ଥିବା ସାଂସ୍କୃତିକ ବିଚାରଧାରାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସହଯୋଗୀ ପ୍ରଫେସର ଗୁରୁ ଡ. ଧୀରଜ କୁମାର ମହାପାତ୍ର ଗୋପବନ୍ଧୁଙ୍କ ରଚନା 'ଧର୍ମପଦ'ରୁ ପ୍ରାର୍ଥନା କଣ୍ଠ ସଂଗୀତ ପରିବେଷଣ କରିଥିଲେ । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ସୌରଭ ଗର୍ଗଙ୍କ ଉପରେ ପୁଣି ଭରସା

ଭୁବନେଶ୍ୱର,(ନିପ୍ର): ଓଡ଼ିଶା କ୍ୟାଡରର ବରିଷ୍ଠ ଆଇଏଏସ ଅଧିକାରୀ ସୌରଭ ଗର୍ଗଙ୍କ ଉପରେ ପୁଣି ଭରସା ପ୍ରକାଶ କରିଛି କେନ୍ଦ୍ର ସରକାର। ଅବସର ନେବା ପରେ ମଧ ତାଙ୍କୁ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ର ସଚିବ ଭାବେ ଆଉ ଏକ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏବେ ସେ ୩୧ ଜୁଲାଇ ୨୦୨୭ ପର୍ଯ୍ୟନ୍ତ ଏହି ପଦରେ କାର୍ଯ୍ୟ କରିବେ।କେନ୍ଦ୍ରୀୟ ନିଯୁକ୍ତି କ୍ୟାବିନେଟ କମିଟି ଏହି କାର୍ଯ୍ୟକାଳ ବୃଦ୍ଧିକୁ ଅନୁମୋଦନ କରିଥିବାବେଳେ, କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଏହାର ଆଦେଶ ଜାରି କରାଯାଇଛି।୧୯୯୧ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ସୌରଭ ଗର୍ଗ ୩୧ ଜୁଲାଇ ୨୦୨୪ରେ ସରକାରୀ ସେବାରୁ ଅବସର ଗ୍ରହଣ କରିଥିଲେ।

## ଶ୍ରୀନୀଳମାଧବଙ୍କ ମନ୍ଦିର ଲିଫ୍ଟକୁ ଲୋକାର୍ପଣ

କଣ୍ଟିଲୋ, (ନିପ୍ର): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ବୁଧବାର ମଧ୍ୟାହ୍ନରେ ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ପଶ୍ଚିମ ଦ୍ୱାରରେ ଅବସ୍ଥିତ ଦୀର୍ଘ ୨୧ ମିଟର ଉଚ୍ଚକ୍ଷମତା ବିଶିଷ୍ଟ ଯାତ୍ରୀ ଉତ୍ତୋଳନ କେନ୍ଦ୍ର,ଲିଫ୍ଟକୁ ମୁଖ୍ୟ ଅତିଥି ସ୍ଥାନୀୟ ଖଣ୍ଡପଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି । ଏକ ସପ୍ତାହ ମଧ୍ୟରେ ଓବିସିସି ଲିଫ୍ଟର ନିରାପତା ଲିଫ୍ଟର ସୁରକ୍ଷା ସାର୍ଟିଫିକେଟ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରିବା ପରେ ଦେବୋତ୍ତର ବିଭାଗ ପକ୍ଷରୁ ଖୁବ ଶୀଘ୍ର ସ୍ୱଟ ଗାଇଡିଲାଇନି ଜାରିକରିବେ ବୋଲି ଖଣ୍ଡପଡା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ସୂଚନା ଦେଇଛନ୍ତି। ଯେମିତି କି ବୃଦ୍ଧ, ଅସୁସ୍ଥ, ଦିବ୍ୟାଙ୍ଗ, ସିନିୟର ସିଟିଜେନ ଓ ଭିଭିଆଇପିଙ୍କ, ପାଇଁ କୌଣସି ଦେୟ ପଡିବ ନାହିଁ।

## ପୂର୍ବ ବିବାଦକୁ ନେଇ ବୋମା ମାଡ, ଜଣେ ଗିରଫ

ଭୁବନେଶ୍ୱର, ୧୫।୦୭ (ନି.ପ୍ର): ଜମିଜମା ବିବାଦକୁ ନେଇ ବୋମା ମାଡ ସହ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବାଦଲ ମାଳିଆ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଚିତ୍ତରଞ୍ଜନ ରାଉତରାୟ ପାଇକରାପୁର ବାସିନ୍ଦା ଏବଂ ସେ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ତାଙ୍କର ସାନ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଅଭିଯୋଗକାରୀଙ୍କ ଉପରେ ଘରର ସମସ୍ତ ଦାୟିତ୍ୱ ନ୍ୟସ୍ତ ଥିଲା। ଗତ ୨୨.୦୬.୨୦୨୬ ସନ୍ଧ୍ୟା ପ୍ରାୟ ୫ଟା ବେଳେ, ସେ ଘର ବଗିଚାରେ ଉପସ୍ଥିତ ଥିଲେ। ଏହି ସମୟରେ ଅଭିଯୁକ୍ତ ବାଦଲ ମାଳିଆ, ସତ୍ୟବ୍ରତ ନାୟକ ଏବଂ ତାଙ୍କର ସହଯୋଗୀ ମାନେ ସେଠାରେ ପହଞ୍ଚିଥିଲେ।

## ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ନମସ୍ତେ କାର୍ଯ୍ୟକ୍ରମରେ ସମ୍ମାନିତ ହେଲେ ସଫେଇ କର୍ମଚାରୀ




ଆସିକା,(ନିପ୍ର): ଆସିକା ପୌର ପରିଷଦ ପକ୍ଷରୁ 'ନମସ୍ତେ ଦିବସ' କାର୍ଯ୍ୟକ୍ରମ ପୌର ପରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, କାଉନସିଲର ସୁଜାତା ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ । ସହରାଞ୍ଚଳର ସଫେଇ କର୍ମଚାରୀମାନଙ୍କୁ ସମ୍ମାନ, ସୁରକ୍ଷା ଓ କଲ୍ୟାଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଦିବସ ଭାବରେ ପାଳନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ କର୍ମଚାରୀଙ୍କ ପାଇଁ ଓ ପିପିଇ କିଟ୍ ବଣ୍ଟନ କରାଯାଇଥିଲା ଓ ସହରକୁ ସ୍ୱଚ୍ଛ ରଖୁଥିବା ପରିମଳ କର୍ମୀଙ୍କୁ ସାମାଜିକ ସ୍ତରରେ ସମ୍ମାନିତ କରାଯାଇଥିଲା ଓ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବାକୁ ପ୍ରଶିକ୍ଷଣ ଓ ଆଧୁନିକ ସ୍ୱଚ୍ଛତା ଉପକରଣ ଏବଂ ପିପିଇ ବଣ୍ଟନ କରାଯାଇଥିଲା ଓ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ଏବଂ ସଫେଇ କର୍ମୀଙ୍କ ଅବଦାନ ନେଇ ସଚେତନତା ରହିବା ପାଇଁ ଅତିଥିମାନେ ମତ ରଖିଥିଲେ ଓ ଏହି କାର୍ଯ୍ୟକ୍ରମରେ ଅଜିତ ପଟ୍ଟନାୟକ, ଦୀପ୍ତି ରାଣୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମିଡିଆ ହାଉସ୍ ଦାମନଯୋଡିର ୫ମ ବାର୍ଷିକୋତ୍ସବ




ଦାମନଯୋଡି,(ନିପ୍ର): କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସଂଘ ମିଡିଆ ହାଉସ୍ ଦାମନଯୋଡିର ୫ମ ବାର୍ଷିକୋତ୍ସବ ୧୪ ତାରିଖ ସନ୍ଧ୍ୟାରେ ସେକ୍ଟର -୨ ସ୍ଥିତ କମ୍ୟୁନିଟି ସେଣ୍ଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ନରସିଂହ ବ୍ରହ୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟ ପକ୍ଷରେ ନାଲକୋ ପରିବେଶ, ଟାଉନସିପ ପରିଚାଳନା ତଥା ସମ୍ପୂର୍ଣ୍ଣ ଗୁଣବତ୍ତା ନିୟନ୍ତ୍ରଣ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି, ଖଣି ଅଞ୍ଚଳ ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ସୁରେଶ ବାତୁଲା ଓ ଉପ ମହାପ୍ରବନ୍ଧକ ସମୀର ରଞ୍ଜନ ମାଝୀ, ବରିଷ୍ଠ ଅଧିକାରୀ ଅରୁଣ କୁମାର ମହାନ୍ତି ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା ଓ ପରେ ପରେ ସଂଘର କାର୍ଯ୍ୟରତ କୋଷାଧକ୍ଷ ସ୍ୱର୍ଗତ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ଗତ ୧୧ତାରିଖରେ ଅକାଳ ବିୟୋଗ ପାଇଁ ଦୁଇ ମିନିଟ ର ନୀରବ ପ୍ରାର୍ଥନା କରାଯାଇଥିଲା ।

## ମହାପ୍ରଭୁଙ୍କ ଅପେକ୍ଷାରେ ରଣପୁର ବଡ଼ଦାଣ୍ଡରେ ସୁସଜ୍ଜିତ ତିନି ରଥ



ରଣପୁର(ନିପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଦାବି କରାଯାଉଥିବା ରଣପୁର ରଥଯାତ୍ରା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି। ରଣପୁର ବଡ଼ଦାଣ୍ଡରେ ସୁସଜ୍ଜିତ ହୋଇ ମହାପ୍ରଭୁଙ୍କ ଅପେକ୍ଷାରେ ରହିଛି ତିନି ରଥ। ଆଜି ହେବ ଭକ୍ତ ଓ ଭଗବାନଙ୍କ ମହାମିଳନ। ରଣପୁର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ପାଇଁ ସମସ୍ତ ନୀତି ଚୂଡାନ୍ତ ହୋଇସାରିଛି। ଆଜି ସକାଳ ୬ଟାରେ ଦ୍ୱାର ଫିଟାଯାଇ ଅବକାଶ ବଲ୍ଲଭ ପରେ ସକାଳ ଆଠଟାରେ ରଥ ପ୍ରତିଷ୍ଠା କରାଯିବ। ସକାଳ ୧୦ ଟା ରୁ ୧୧ଟା ଭିତରେ ଭଣ୍ଡ ଭୋଗ ଓ ମଙ୍ଗଳା ଅର୍ପଣ କରାଯାଇ ୧୨:୩୦ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଆରମ୍ଭ କରାଯାଇ ଅପରାହ୍ନ ୩ଟା ସୁଦ୍ଧା ପହଣ୍ଡି ଶେଷ ହୋଇ ମହାପ୍ରଭୁଙ୍କୁ ରଥରୁଢ଼ କରାଯିବ ଏବଂ ରଣପୁର ରାଜା ଦିଲ୍ଲୀପ ସିଂଦେଓଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟ ସମାପନ ପରେ ଅପରାହ୍ନ ଚାରିଘଣ୍ଟିକା ସମୟରେ ରଥଟଣା ଯିବା କାର୍ଯ୍ୟକ୍ରମ ରହିଛି।।

### କଟକ ସହରରେ ଗଡ଼ିବ ୨୨ ରଥ

# ସୁରକ୍ଷାରେ ୧୦୭ ଅଫିସର, ୧୫ ପ୍ଲାଟୁନ ଫୋର୍ସ

କଟକ,(ନିପ୍ର): କଟକ ସହରାଞ୍ଚଳ ପୁଲିସ ଜିଲା (ୟୁପିଡି) ଅନ୍ତର୍ଗତ ମର୍କତନଗର ସେକ୍ଟର-୬(ନୂଆ), ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ରାଣୀହାଟ, ଯୋବ୍ରା ନୂଆସାହି, ତୁଳସୀପୁର ମଠସାହି, ବିଡାନାସୀ ନୂଆସାହି, ପିଠାପୁର, ମହାନଦୀବିହାର, ଜଗତପୁର, ଗଡିରାଉତପାଟଣା, ବାରଙ୍ଗ, ନୂଆବଜାର, ଭରାଳି, ପ୍ରତାପ ନଗରୀ, ନୂଆଗଡ଼, ବାଲିକୁଦା, କୁରାଙ୍ଗ ଶାସନ, ଚୌଦ୍ୱାର, ପଦ୍ମପୁର, କନ୍ଦରପୁର, ଜଗତପୁର ଆଦି ପ୍ରମୁଖ ୨୨ରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହାଛଡ଼ା ୨୪ରେ ବାହୁଡ଼ା ଯାତ୍ରା ଓ ୨୫ରେ ସୁନାବେଶ ମଧ ଅନୁଷ୍ଠିତ ହେବ। ଏହିସବୁ ସ୍ଥାନରେ ୨୨ଟି ରଥ ଗଡ଼ିବ। ତେଣୁ ଏହାକୁ ଦୃଷ୍ଟିରେ ରଖି କଟକ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁଖ୍ୟତଃ ରଥଯାତ୍ରା ଓ ବାହୁଡ଼ାଦିନ ଠାକୁରଙ୍କ ପହଣ୍ଡି ଓ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ତେଣୁ ଏହି ଦୁଇଦିନ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତଥା ସଂଯୋଗକାରୀ ରାସ୍ତାରେ ଗାଡ଼ି ଚଳାଚଳ ଉପରେ କଟକଣା ଜାରି ହେବ। ଅପରପକ୍ଷେ ସହର ଭିତରେ ଓ ରାଜପଥରେ ମୋବାଇଲ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ସହର ଭିତରେ ବାଇକ୍ ପାଟ୍ରୋଲିଂ ଏବଂ ପୋଷ୍ଟ ସ୍ଥାପନ କରାଯିବ। ବିଶେଷକରି ଚାନ୍ଦିନୀଚୌକ ବେଲିଭ୍ୟୁ ଛକସ୍ଥିତ ମାଉସୀ ମା ମନ୍ଦିର, ଦୋଳମୁଣ୍ଡାଇ ବାଦାମବାଡ଼ି ବାବା ସାଗର ଦାସ ବିଦ୍ୟାପୀଠ ପଡ଼ିଆ, ରାଣୀହାଟ ଦୁର୍ଗାମଣ୍ଡପ ଏବଂ ପୁରୀଘାଟ ଗ୍ରାଉଣ୍ଡ ଲାଗି ନେତାଜୀ ବସ ଟର୍ମିନାଲରେ ଅସ୍ଥାୟୀ ଏଡ୍‌ପୋଷ୍ଟ କରାଯାଇଛି। ଏଠାରେ ୨୪ଘଣ୍ଟିଆ ପୁଲିସ କର୍ମଚାରୀ ଉପସ୍ଥିତ ରହିବେ। ସେହିପରି ସୁରକ୍ଷା ଦାୟିତ୍ୱରେ ମୋଟ ୧୮ ପ୍ଲାଟୁନ ଫୋର୍ସ ସମେତ ୭୭ଜଣ ଇନ୍ସପେକ୍ଟର, ୮୫ଜଣ ଏସଆଇ/ଏଏସଆଇ, ୩୦୭ଜଣ ପୁରୁଷ ଓ ୭୦ଜଣ ମହିଳା କନଷ୍ଟେବଲ, ୨୪୮ ହୋମଗାର୍ଡ ମୁତୟନ ରହିବେ। ୯ଜଣ ଏସିପି ଓ ୨ଜଣ ଏଡିସିପି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ଏହାଛଡ଼ା କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୁଲିସ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ତିଥି :(ଦ୍ୱିତୀୟା): (ଅଶ୍ଳେଷା କର୍କଟ)
ଅମୃତ ବେଳା: ସକାଳ ଘ ୫।୨୦ ରୁ ଘ ୬।୫୮ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବେନିନେତ୍ର ପଖାଳିବା...

ସବୁ ଧର୍ମ,ଦର୍ଶନ ତତ୍ତ୍ୱ ଓ ମତର ସମନ୍ୱୟ ଘଟିଥିବା ବିଶ୍ୱର ଗୋଟିଏ ସ୍ଥାନ ରହିଛି ତାହା ହେଉଛି ଶ୍ରୀକ୍ଷେତ୍ର। ବିଖ୍ୟାତ ଚାରିଧାମ ମଧ୍ୟରୁ ଅନ୍ୟତମ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ। ରତ୍ନବେଦୀରୁ ମହାପ୍ରଭୁ ଓହ୍ଲାଇଆସନ୍ତି ଯେଉଁ ପବିତ୍ର ଯାତ୍ରାରେ ତାହା ହେଉଛି ଶ୍ରୀଗୁଣ୍ଡିଚା ବା ରଥଯାତ୍ରା, ଭକ୍ତମାନଙ୍କୁ ଦେଖିବା ପାଇଁ ବାହାରକୁ ଆସନ୍ତି ବୋଲି ବିଶ୍ୱର କୋଣଅନୁକୋଣରୁ ଛୁଟିଆସନ୍ତି ଅଗଣିତ ଶ୍ରଦ୍ଧାଳୁ। ତାଙ୍କୁ ନେଇ ସରେ ନାହିଁ ଆଲୋଚନା କି ଅନୁସନ୍ଧିତ୍ସା। କିନ୍ତୁ ପହୁଡ଼ ସତ୍ତ୍ୱେ ସେ ଚାହିଁ ରହନ୍ତି ସାରା ବିଶ୍ୱକୁ ପଲକହୀନ ଚକାନୟନରେ । ତେଣୁ ସେ ନିତ୍ୟ ଜାଗ୍ରତ। ତାଙ୍କର ଏହି ଚାହିଁ ରହିବା ନେଇ ଋଗବେଦରେ ମନ୍ତ୍ରଟିଏ ରହିଛି। ତାହା ହେଉଛି– 'ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା ସମାନଂ ବୃକ୍ଷଂ ପରିଷ ସ୍ୱଜାତେ, ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱଭ୍ୟନ ଶ୍ନନ୍ନନ୍ୟୋ ଅଭିଚାକଶୌତି ।' ଅର୍ଥାତ୍-ଗୋଟିଏ ବୃକ୍ଷରେ ବସିଥିବା ଦୁଇଟି ପକ୍ଷୀ ମଧ୍ୟରୁ ଗୋଟିଏ ସ୍ୱାଦୁ ଫଳ ଭୋଗରେ ଲିପ୍ତ ଓ ଅନ୍ୟଟି ଭୋଗରୁ ନିର୍ଲିପ୍ତ ରହି କେବଳ ସାକ୍ଷୀ ରୂପରେ ବିଦ୍ୟମାନ। ଯିଏ ସାକ୍ଷୀ ରୂପେ ଅପଲକ ଦୃଷ୍ଟିରେ ଦେଖିଥାନ୍ତି ସେ ହେଲେ ପରଂବ୍ରହ୍ମ।


ଦିନେ ଉତ୍କଳର ବହୁ ପରିଚିତ ସାରିଆ ଭିକ ଗାଇଥିଲେ– 'ଥକାମନ ଚାଲଯିବା, ଚକାନୟନ ଦେଖିବା, ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା।'ହେଲେ ଆଖି ରୂପକୁ ଦେଖେ ସିନା ଦୃଷ୍ଟି ଦେଖେ ସ୍ୱରୂପ। ରୂପର ଦିନେ ନାଶ ଅଛି ସିନା ଦୃଷ୍ଟି ଦେଖେ ସେହି ଅଭୁଲା ସ୍ୱରୂପ। ସେହି ସ୍ୱରୂପ ଶାଶ୍ୱତ,ନିତ୍ୟଙ୍କୁ। ଅତଏବ ଏହି ଦୃଷ୍ଟି ଆସେ ହୃଦୟ ପରିବର୍ତ୍ତନ ଦ୍ୱାରା,ଯାହାର ଅନ୍ତିମ ପରିଣତି ଜ୍ଞାନନେତ୍ରରେ ଦେଖିବା,ଯାହା ହେଉଛି ବେନି ନେତ୍ର ପଖାଳିବା। ସେହି ଜ୍ଞାନନେତ୍ର ସାରା ବିଶ୍ୱକୁ କଲ୍ୟାଣପୂର୍ଣ୍ଣ ଦୃଷ୍ଟିରେ ଚାହେଁ। ତେଣୁ ଦିନେ ନିଜ ସ୍ୱରୂପ ଦେଖାଇବା ପୂର୍ବରୁ ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, 'ଦିବ୍ୟଂ ଦଦାମି ତେ ଚକ୍ଷୁ।' ଜୀବନ ଦର୍ଶନକୁ ବଦଳାଇବାକୁ ହେଲେ ଦିବ୍ୟଦୃଷ୍ଟି ଲୋଡ଼ା। ଏ ଦିବ୍ୟଦୃଷ୍ଟିରେ ଥାଏ ଭ୍ରାତୃଭାବ ତଥା କଲ୍ୟାଣ।

ଓଡ଼ିଶାର ଜଗନ୍ନାଥ ସଂସ୍କୃତି ସେହି ଭ୍ରାତୃଭାବ ତଥା କଲ୍ୟାଣ ଚେତନା ଆଧାରିତ । ଯୁଦ୍ଧ ସଂତ୍ରସ୍ତ ତଥା କ୍ଷତବିକ୍ଷତ ବର୍ତ୍ତମାନର ବିଶ୍ୱ ପାଇଁ ଏହି ଚେତନା ହେଉଛି ମଲମ । ଏହା ଆହ୍ୱାନ ଦିଏ ଯେ ଧ୍ୱଂସ, ଲୋଭ କି ପ୍ରତିଶୋଧରେ ନ ଥାଏ ଜୀବନ ଓ ଶାନ୍ତି, ଥାଏ ସାମ୍ୟତା ଭାବରେ। ତାହାରି ଅଭାବ ଏବେ ମଧ୍ୟପ୍ରାଚ୍ୟରେ ଅନୁଭୂତ। ସେଥିଲାଗି 'ଆଇ ଫର ଆଇ' ବା ଚକ୍ଷୁ ବଦଳେ ଚକ୍ଷୁ ଭଳି ଶତ୍ରୁତା ଆଚରଣ କରାଯାଉଛି। ସହୃଦୟତା ଲୋଡା ଏ ବିଶ୍ୱ ପାଇଁ। ମାତ୍ର ସାମ୍ରାଜ୍ୟବାଦୀମାନେ ସାମ୍ରାଜ୍ୟ ବିସ୍ତାର ତଥା ଲୋଭ ମନୋବୃତ୍ତି ରଖି ବିଶ୍ୱ ପାଇଁ ଅସ୍ଥିରତା ଓ ଯାତନା ସୃଷ୍ଟି କରିଚାଲିଛନ୍ତି। ସୁତରାଂ ଏବେ ବିଶ୍ୱ ପାଇଁ ସବୁଠୁ ବଡ଼ ଆବଶ୍ୟକତା ସାରିଆ ଭିକଙ୍କ ବେନି ନେତ୍ର ପଖାଳିବା ବା ଦୃଷ୍ଟି ଭଙ୍ଗୀରେ ପରିବର୍ତ୍ତନ ଆଣିବା। ପୁରୀ ରଥଯାତ୍ରା ମଧ୍ୟ ସେହି ଆହ୍ୱାନ ଦିଏ। ଜଗତକୁ ଏକ ମଣିବା। ଦିନେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ, 'ପରହିତ ସାଧି ମରେ ଯେ ମହୀରେ ସେହି ଏକା ସୁପୁରୁଷ।' ହିତ ସାଧନା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳାଧାର।

# ଶ୍ରୀଜଗନ୍ନାଥଙ୍କ ଛେରାପହଁରା ପରମ୍ପରା

**ବିକ୍ରମ ମହାପାତ୍ର**

ବର୍ଷରେ ଥରୁଟିଏ ପାଇଁ ସମଗ୍ର ଭକ୍ତ ଜନଙ୍କୁ କୃପା ବାରିଧାରା ଢ଼ାଳି ଦେବା ପାଇଁ ମହାପ୍ରଭୁ ରଥ ଉପରେ ବିରାଜିତ ହୋଇଥାନ୍ତି। ବିରାଜନ ପରେ ଯେଉଁ ଛେରା ପହଁରା ପରମ୍ପରା ରହିଛି ତା ଭିତରେ ଅନେକ ଚେତନା, ବାର୍ତ୍ତା ରହିଛି। ମହାପ୍ରଭୁଙ୍କ ପ୍ରଥମ ସେବକ ଆମ କୋଟି ଓଡ଼ିଆଙ୍କ ଗଜପତିଙ୍କ ଛେରା ପହଁରା ସେବା ବର୍ଷ ତମାମ ସେବା ରୀତିନୀତି ଭିତରେ ସବୁଠାରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାର ଆକର୍ଷଣ ହେଉଛି ସବୁଠାରୁ ଅଧିକ। ଐତିହାସିକ ତଥ୍ୟ ମାଦଳା ପାଞ୍ଜିର ସୂତ୍ର ଓ ଗବେଷକ ଯେଉଁ ତଥ୍ୟ ରଖିଛନ୍ତି – ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ଏହି ଛେରା ପହଁରା ନୀତି କାନ୍ତିର ଆରମ୍ଭ ହୋଇଥିଲା। ପୂର୍ବ ସମୟରେ ସୀମିତ ନଥିଲା ଛେରା ପହଁରା। ଐତିହାସିକ ତଥ୍ୟ ମୁତାବକ ଶ୍ରୀବିଗ୍ରହ ମାନଙ୍କ ପହଣ୍ଡି ବେଳେ ଶ୍ରୀମନ୍ଦିର ଆଗରେ ପାହାଚ ଓ ରାସ୍ତାକୁ ସୁନା ଖଡ଼ିକାରେ ଓଳାଇବାର ବିଧି ବଳବତ୍ତର ଥିଲା। 'ଶ୍ରୀଚୈତନ୍ୟ ଚକଡ଼ା', 'ଶ୍ରୀକୃଷ୍ଣ ଦାସ କବିରାଜ ଗୋସ୍ୱାମୀଙ୍କ ସ୍ୱପ୍ରଣୀତ ଶ୍ରୀଚୈତନ୍ୟ ଚରିତ୍ରାମୃତ' ଆଦି ଅନେକ ଗ୍ରନ୍ଥ ପୁସ୍ତକରେ ମହାପ୍ରଭୁଙ୍କ ଛେରା ପହଁରା ସମ୍ପର୍କରେ ଲେଖା ରହିଛି। ସେ ସବୁ, ପ୍ରାଚୀନତମ। ଆମେ ଇତିହାସ ପୃଷ୍ଠାରୁ ଯେଉଁ ତଥ୍ୟ ସବୁ ଲିପିବଦ୍ଧ ରହିଛି, ମହାପ୍ରଭୁଙ୍କ ସେବା ସମ୍ପର୍କରେ ତତ୍କାଳୀନ ଇଂରେଜ ପ୍ରଶାସକ



ଜନ ବିମ୍ସ ଯାହାଙ୍କ ଶାସନ କାଳ ୧.୮.୬୯ରୁ ୧.୮.୭୭ ପର୍ଯ୍ୟନ୍ତ ଥିଲାଙ୍କ ଦ୍ୱାରା ଲିଖିତ 'ମେମୋରିଜ ଅଫ ଏ ବେଙ୍ଗଲ ସିଭିଲିୟାନ' ବହିର୍ ତିନିଶହ ତେଇଶି ପୃଷ୍ଠାରେ ଉଲ୍ଲେଖ ଅଛି ଯେ 'ଶ୍ରୀଜଗନ୍ନାଥ ରଥରେ ବସି ଯିବାର ବଡ଼ ଉତ୍ସବ ଦିନ ରାଜା ମନ୍ଦିର ଆଗରେ ଥିବା ପାହାଚକୁ ସୁନାର ପହଁରାରେ ଓଳାନ୍ତି।' ତେଣୁ ଗଜପତି ଦିବ୍ୟସିଂହ ଦେବଙ୍କ ପର୍ଯ୍ୟନ୍ତ ଶ୍ରୀବିଗ୍ରହଙ୍କ ପହଣ୍ଡି ବେଳେ ଶ୍ରୀମନ୍ଦିର ପାହାଚ ଓ ରାସ୍ତାକୁ ସୁନା ଖଡ଼ିକାରେ ଓଳା ଯାଉଥିଲା। ମାତ୍ର ତାଙ୍କର ପୁତ୍ର ରାଜା ମୁକୁନ୍ଦ ଦେବଙ୍କ ସମୟରୁ ରଥ ଉପରେ ଛେରା ପହଁରାର ନୂତନ ବିଧାନ ହୋଇଥିଲା ବୋଲି ଗବେଷକ ଡକ୍ଟର ଭାସ୍କର ଚନ୍ଦ୍ର ମିଶ୍ରଙ୍କ 'ଶ୍ରୀଗୁଣ୍ଡିଚା ଯାତ୍ରା' ପୁସ୍ତକରେ ଲିପିବଦ୍ଧ ରହିଛି। ଆମେ ଏଠାରେ 'ଛେରା'ର ଅର୍ଥ ବହଳିଆ ଘୋରା ଉତ୍ସବକୁ ବୁଝାଉଥିବାବେଳେ 'ପହଁରା'ର ଅର୍ଥ ଓଳାଇବା। ଅର୍ଥାତ୍ ଛେରା ପହଁରାରେ ଗଜପତି ମହାରାଜ ରଥରେ ପହଁରା ମାରିବା ସହ ଦର୍ଶନ, ରାଜନୀତି, ବନ୍ଦାପନା, ଆଲଟ ଚାମର ସେବା, ପୟାମାଳ ଗ୍ରହଣ ଆଦି ସମ୍ପାଦନ କରିଥାନ୍ତି। ମୁଖ୍ୟ ଶ୍ରୀବିଗ୍ରହଙ୍କ ମଇଲମ ଓ ମାଳଫୁଲ ଲାଗି ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର କମାଣ୍ଡର, ମନ୍ଦିର ପୁଲିସ ତଥା ବରକନ୍ଦାଜ ଶ୍ରୀନଅର ନିକଟକୁ ଯାଇ ଗଜପତି ମହାରାଜାଙ୍କୁ ଛେରା ପହଁରା ସେବା କରିବା ପାଇଁ ଖବର ପଠାଇଥାନ୍ତି। ଏ ଖବର ମିଳିବା ପରେ ଗଜପତି ମହାରାଜ ଧଳା ରଙ୍ଗର ଚୁଡ଼ିଦାର, କୁର୍ତ୍ତା, ପଗଡ଼ି ଓ ଖଣ୍ଡା ପରିଧାନ କରି ରାଜବେଶରେ ଆସନ୍ତି। ପହଁରା ନୀତି ସରିବା ପର୍ଯ୍ୟନ୍ତ ଗଜପତି ମହାରାଜ ଉପବାସ ରୁହନ୍ତି। ଶ୍ରୀନଅରର ଅଧିଷ୍ଠାତ୍ରୀ ଦେବୀ କନକଦୁର୍ଗାଙ୍କୁ ପ୍ରଣାମ କରି ଶ୍ରୀନଅର ଅଗଣାରେ ରଖାଯାଇଥିବା ହାତୀ ଦାନ୍ତ ଓ ରୁପାରେ ନିର୍ମିତ ତାମଯାନ ବା ମେହେନାରେ ପଟୁଆରରେ ବିଜେ କରି ରଥ ନିକଟକୁ ଆସନ୍ତି। ରାଜାଙ୍କ ସହ ରାଜ ପରିବାର ସଦସ୍ୟ, ରାଜଗୁରୁ, ଲେଙ୍କା, ବେହେରା, ଖୁଣ୍ଟିଆ, ମେକାପ, ଗରାବଡୁ, ଦେଉଳକରଣ ଓ ଶ୍ରୀମନ୍ଦିର ପଦାଧିକାରୀ ରଥ ଉପରକୁ ଉଠିଥାନ୍ତି। ରାଜା କର୍ପୂର ଆଳତି କରି ଚାମର ଆଲଟ ସେବା ଦିଅନ୍ତି। ରାଜଗୁରୁ ମୁଦୁଲି ସେବକଙ୍କ ଠାରୁ ସୁନା ଖଡ଼ିକା ଆଣି ସଂସ୍କାର କରି ଗଜପତିଙ୍କୁ ଦିଅନ୍ତି। ଭଣ୍ଡାର ମେକାପ ରଥ ଚାରିପାଖରେ ଫୁଲ ପକାନ୍ତି, ଗଜପତି ମହାରାଜ ସୁନା ଖଡ଼ିକାରେ ଚାରିପାଖ ପହଁରା ମାରନ୍ତି। ପରେ ଚନ୍ଦନ ପାଣି ରଥ ଚାରିପଟେ ଛିଞ୍ଚି ଥାନ୍ତି। ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ପରେ ଦେବୀ ସୁଭଦ୍ରାଙ୍କ ରଥରେ ଛେରା ପହଁରା ନୀତି ହୁଏ। ମହାରାଜଙ୍କ ଅନୁପସ୍ଥିତିରେ ମୁଦିରସ୍ତ ସେବକ ଛେରା ପହଁରା ସେବା କରିଥାନ୍ତି। ମହାପ୍ରଭୁଙ୍କ ବର୍ଷ ତମାମ ଯେତେ ନୀତିକାନ୍ତି ସ୍ୱତନ୍ତ୍ର ପୂଜା କାର୍ଯ୍ୟକ୍ରମ ରହିଛି ସବୁ ଭିତରେ ଛେରା ପହଁରା ଅନନ୍ୟ, ଭାବପୂର୍ଣ୍ଣ ପୁଣ୍ୟ ପବିତ୍ର ଦିନ। ବର୍ଷକୁ ଥରୁଟିଏ ପାଇଁ ଭକ୍ତି ଭାବନାର ଯେ କେହି ଟାଣି ହୋଇଯାଆନ୍ତି ପୁରୀ ଶ୍ରୀକ୍ଷେତ୍ର, ପୁଣ୍ୟ ପାବନ କ୍ଷେତ୍ରକୁ।

ଦୂରଭାଷ : ୯୪୩୭୦୨୧୬୧୫

# ଶ୍ରୀଗୁଣ୍ଡିଚା : ବିଶ୍ୱଭ୍ରାତୃତ୍ୱର ଅନନ୍ୟ ପ୍ରତୀକ

**ସୌଭାଗ୍ୟ ରଂଜନ ମହାନ୍ତି**

> ଏହି ଘୋଷଯାତ୍ରାର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଗଣତାନ୍ତ୍ରିକ ଏବଂ ସାର୍ବଜନୀନ ସ୍ୱରୁପ, କାରଣ ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ, ସେହି ଦୀନ, ଦୁଃଖୀ, ନିଷ୍ପେଷିତ ଓ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଜଗତର ନାଥ ନିଜେ ବଡଦାଣ୍ଡକୁ ଆସିଥାନ୍ତି, ଯାହା ଜଗନ୍ନାଥ ସଂସ୍କୃତିର ସମାନତା ଓ ମାନବବାଦର ଶ୍ରେଷ୍ଠ ନିଦର୍ଶନ ଅଟେ। ଓଡ଼ିଶାର ଇତିହାସ, ପରମ୍ପରା, କଳା, ସ୍ଥାପତ୍ୟ ଏବଂ ସଙ୍ଗୀତ ସବୁକିଛି ଏହି ରଥଯାତ୍ରା ଚାରିପାଖରେ ଆବର୍ତ୍ତିତ ହୋଇଥାଏ, ଯାହା ପ୍ରତିଟି ଓଡ଼ିଆର ରକ୍ତ କଣିକାରେ ସ୍ପନ୍ଦିତ ହୁଏ।

ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର, ସଂସ୍କୃତିର ମୂଳଦୁଆ ଏବଂ ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ଅଭିବ୍ୟକ୍ତି ହେଉଛି ପବିତ୍ର ଘୋଷଯାତ୍ରା ବା ରଥଯାତ୍ରା, ଯାହା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ସାରା ବିଶ୍ୱରେ ଓଡ଼ିଆ ଅସ୍ମିତା ଓ ମାନବିକତାର ସବୁଠାରୁ ବଡ ପରିଚୟ । ଚଳିତ ବର୍ଷ ୨୦୨୬ ମସିହାର ଏହି ମହାପାବନ ଅବସରରେ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ପୃଥିବୀର ପ୍ରତିଟି କୋଣ ଅନୁକୋଣରେ ଥିବା ଓଡିଆ ଭାଇଭଉଣୀଙ୍କ ହୃଦୟରେ ଜଗନ୍ନାଥ ସଂସ୍କୃତିର ସେହି ଅନାବିଳ ପ୍ରେମ ଓ ଭକ୍ତିର ଜୁଆର ଖେଳିଯାଇଛି, ଯାହା ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ମହାନ ବାର୍ତ୍ତା ପ୍ରଦାନ କରେ। ରଥଯାତ୍ରା ହେଉଛି ଜାତି, ଧର୍ମ, ବର୍ଣ୍ଣ ଏବଂ ସୀମାର ପ୍ରାଚୀରକୁ ଭାଙ୍ଗି ସମସ୍ତଙ୍କୁ ଆପଣେଇ ନେବାର ଏକ ଅଲୌକିକ ମାଧ୍ୟମ, ଯେଉଁଠାରେ ବଡଦେଉଳର ଗର୍ଭଗୃହରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ରତ୍ନବେଦୀ ଛାଡି ପତିତପାବନ ରୂପରେ ଜନସାଧାରଣଙ୍କ ମଧ୍ୟକୁ ଓହ୍ଲାଇ ଆସନ୍ତି। ଏହି ଘୋଷଯାତ୍ରାର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଗଣତାନ୍ତ୍ରିକ ଏବଂ ସାର୍ବଜନୀନ ସ୍ୱରୁପ, କାରଣ ଯେଉଁମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ, ସେହି ଦୀନ, ଦୁଃଖୀ, ନିଷ୍ପେଷିତ ଓ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଜଗତର ନାଥ ନିଜେ ବଡଦାଣ୍ଡକୁ ଆସିଥାନ୍ତି, ଯାହା ଜଗନ୍ନାଥ ସଂସ୍କୃତିର ସମାନତା ଓ ମାନବବାଦର ଶ୍ରେଷ୍ଠ ନିଦର୍ଶନ ଅଟେ। ଓଡିଶାର ଇତିହାସ, ପରମ୍ପରା, କଳା, ସ୍ଥାପତ୍ୟ ଏବଂ ସଙ୍ଗୀତ ସବୁକିଛି ଏହି ରଥଯାତ୍ରା ଚାରିପାଖରେ ଆବର୍ତ୍ତିତ ହୋଇଥାଏ, ଯାହା ପ୍ରତିଟି ଓଡିଆର ରକ୍ତ କଣିକାରେ ସ୍ପନ୍ଦିତ ହୁଏ।

ରଥଯାତ୍ରାର ପ୍ରସ୍ତୁତି ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରଥ ଅନୁକୂଳ ସହିତ ଆରମ୍ଭ ହୋଇଥାଏ, ଯେଉଁଠାରେ ବଂଶାନୁକ୍ରମିକ ଭାବେ ଶ୍ରୀମନ୍ଦିରର ବିଶ୍ୱକର୍ମା ମହାରଣା, କରତିଆ, ଭୋଇ ଏବଂ ରୂପକାର ସେବକମାନେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବ୍ଲୁ-ପ୍ରିଂଟ ବିନା କେବଳ ନିଜର ପାରମ୍ପରିକ ପଦ୍ଧତି ଓ ଦୁଇ ହାତର ଯାଦୁରେ ତିନୋଟି ବିଶାଳକାୟ ରଥ-ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ-ନିର୍ମାଣ କରିଥାନ୍ତି, ଯାହା ଓଡିଆ କାରିଗରୀ କଳାର ସର୍ବଶ୍ରେଷ୍ଠ ପ୍ରମାଣ ଏବଂ ଆମର ଯୁବପିଢି ପାଇଁ ଏକ ଅଭୁତ ଶିକ୍ଷଣୀୟ କଳା ଅଟେ। ରଥଯାତ୍ରାର ପୂର୍ବରୁ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମା, ଅଣସର ଘରର ରହସ୍ୟମୟ ଉପଚାର ଏବଂ ନବଯୌବନ ଦର୍ଶନ ପରେ ଯେତେବେଳେ ଶ୍ରୀବିଗ୍ରହମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୁଏ, ସେତେବେଳେ ଘଂଟ, କାହାଳୀ, ମର୍ଦ୍ଦଳରେ ତାଳେ ତାଳେ ଓ ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠେ, ଯାହା ଭକ୍ତ ଭଗବାନଙ୍କ ମଧ୍ୟରେ ଥିବା ନିବିଡ ସମ୍ପର୍କର ପରିପ୍ରକାଶ କରେ। ଏହା ପରେ ଗଜପତି ମହାରାଜାଙ୍କର ଦ୍ୱାରା ଅନୁଷ୍ଠିତ ହେଉଥିବା 'ଛେରା ପହଁରା' ନୀତି ଏକ ଶ୍ରେଷ୍ଠ ସାମାଜିକ ବାର୍ତ୍ତା ବହନ କରେ, ଯେଉଁଠାରେ ରାଜ୍ୟର ସର୍ବୋଚ୍ଚ ଶାସକ ବା ରାଜା ନିଜକୁ ମହାପ୍ରଭୁଙ୍କର ଆଦ୍ୟ ସେବକ ଭାବରେ ସ୍ୱୀକାର କରି ରଥ ଉପରେ ସୁନା ଖଡିକାରେ ସମ୍ମାର୍ଜନୀ କରନ୍ତି, ଯାହା ପ୍ରମାଣିତ କରେ ଯେ ଈଶ୍ୱରଙ୍କ ଦରବାରରେ କେହି ବଡ କିମ୍ବା ସାନ ନୁହନ୍ତି ଏବଂ ଅହଂକାର ଶୂନ୍ୟ ହେବା ହିଁ ମାନବ ଜୀବନର ପରମ ଲକ୍ଷ୍ୟ ଅଟେ। ଯେତେବେଳେ ଲକ୍ଷ ଲକ୍ଷ ଭକ୍ତଙ୍କ ହାତ ରଥର ଦଉଡିକୁ ସ୍ପର୍ଶ କରେ ଏବଂ ରଥ ବଡଦାଣ୍ଡରେ ଗଡିବାକୁ ଆରମ୍ଭ କରେ, ସେତେବେଳେ ଜାତିର ସମସ୍ତ ବିଭେଦତା ଧୋଇଯାଏ ଓ କେବଳ ଆଧ୍ୟାତ୍ମିକତାର ଏକ ମହାସ୍ରୋତ ପ୍ରବାହିତ ହୁଏ। ଶ୍ରୀଗୁଣ୍ଡିଚା ମନ୍ଦିର ବା ମାଉସୀ ମା' ମନ୍ଦିରକୁ ଯାତ୍ରା କରି ମହାପ୍ରଭୁ ନଅ ଦିନ ପର୍ଯ୍ୟନ୍ତ ସେଠାରେ ରହନ୍ତି, ଯେଉଁଠାରେ ପୋଡପିଠା ଭୋଗର ପରମ୍ପରା ଆମର ପାରିବାରିବ ସ୍ନେହ ଓ ଅତିଥେୟତାର ପ୍ରତୀକ ଅଟେ। ବର୍ତ୍ତମାନର ଆଧୁନିକ ଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ଆମ ସାଂସ୍କୃତିକ ପର୍ଯ୍ୟଟନ ଓ ଅର୍ଥନୀତିକୁ ସମୃଦ୍ଧ କରିଛି, ମାତ୍ର ଏହା ସହିତ ଏହାର ମୂଳକ ଭାବଧାରା ଓ ପରମ୍ପରାର ଶୁଦ୍ଧତା ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ। ଆଜି ବିଶ୍ୱର ବିଭିନ୍ନ ପ୍ରାନ୍ତରେ, ଆମେରିକାରୁ ଆରମ୍ଭ କରି ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ଅନେକ ଦେଶରେ ରଥଯାତ୍ରା ଅତି ଧୁମ୍‌ଧାମରେ



ପାଳିତ ହେଉଛି, ଯାହା ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ଶୀର୍ଷରେ ପହଂଚାଇଛି। ଏହି ଗଣପର୍ବର ଆମକୁ ସାମାଜିକ ସଂହତି, ପରିବେଶ ସୁରକ୍ଷା ଏବଂ ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଗ୍ରହଣ କରିବାର (ବସୁଧୈବ କୁଟୁମ୍ବକମ୍) ଯେଉଁ ପ୍ରେରଣା ମିଳେ ତାହା ଆଜିର ଯୁଦ୍ଧଖୋର ଓ ବିଭାଜିତ ପୃଥିବୀ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ। ଆମେ ଏହା ଦୃଢ ଭାବରେ ଅନୁଭବ କରୁଛୁ ଯେ ରଥଯାତ୍ରା କେବଳ ଦିନକର ଉତ୍ସବ ନୁହେଁ, ବରଂ ଏହା ଓଡିଆ ଜୀବନଶୈଳୀର ଏକ ଚିରନ୍ତନ ଦର୍ଶନ, ଯାହା ଆମକୁ ସମସ୍ତଙ୍କ ସୁଖ ଓ ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା ଦିଏ। ଆସନ୍ତୁ ଏହି ମହାଯାତ୍ରାର ପବିତ୍ର ଅବସରରେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଯେ ସାରା ବିଶ୍ୱରେ ଶାନ୍ତି, ସମୃଦ୍ଧି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ ଏବଂ ଆମର ଏହି ପ୍ରିୟ ଓଡିଶା ମହାପ୍ରଭୁଙ୍କ କୃପାରୁ ପ୍ରଗତିର ଏକ ନୂଆ ଶିଖର ଛୁଇଁପାରୁ। ଜୟ ଜଗନ୍ନାଥ! ଏହି ପରିପ୍ରେକ୍ଷୀରେ, ଯଦି ଆମେ ରଥଯାତ୍ରାର ସେହି ପାରମ୍ପରିକ ଓ ବାସ୍ତବବାଦୀ ଦିଗକୁ ଅତିନିଖୁଣ ଭାବରେ ଅନୁଧ୍ୟାନ କରିବା, ତେବେ ଜଣାପଡେ ଯେ ଏହି ମହାପର୍ବ କେବଳ ଭକ୍ତି ଭାବନାରେ ସୀମିତ ନୁହେଁ, ବରଂ ଏହା ଶତାବ୍ଦୀ ଧରି ଚାଲିଆସୁଥିବା ଏକ ଜୀବନ୍ତ ଇତିହାସ, ସମାଜ ବିଜ୍ଞାନ ଓ କଠୋର ନିୟମାନୁବର୍ତ୍ତିତାରେ ବାସ୍ତବ ପ୍ରତିଫଳନ ଅଟେ। ରଥଯାତ୍ରାର ପ୍ରତିଟି ରୀତିନୀତି ପଛରେ ରହିଛି ଓଡିଶାର ମୂଳ ମାଟିର ବାସ୍ନା ଏବଂ ପ୍ରକୃତି ସହିତ ମାନବର ନିବିଡ ସମ୍ପର୍କ, ଯାହା କୌଣସି କାଳ୍ପନିକ ଆଡମ୍ବର ଉପରେ ଆଧାରିତ ନୁହେଁ। ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ, ଶ୍ରୀମନ୍ଦିରର ଛତିଶା ନିଯୋଗ ଓ ସେବାୟତମାନଙ୍କର ଶୃଙ୍ଖଳିତ କାର୍ଯ୍ୟଶୈଳୀ ଏହି ବିଶାଳ ଯାତ୍ରାକୁ ବାସ୍ତବ ରୂପ ଦେଇଥାଏ, ଯେଉଁଥିରେ ପ୍ରତିଟି ସେବକ ନିଜ ପରିବାରର ସୁଖଦୁଃଖକୁ ପଛରେ ପକାଇ ମହାପ୍ରଭୁଙ୍କ ସେବାକୁ ହିଁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରିଥାନ୍ତି। ରଥ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ଧଉଡା, ଫାସୀ, ଅସନ ଓ ଶାଳ ଗଛର କାଠ ଚୟନ ଠାରୁ ଆରମ୍ଭ କରି ଜଙ୍ଗଲ ସୁରକ୍ଷା ପାଇଁ ପ୍ରଣୀତ ହୋଇଥିବା ପାରମ୍ପରିକ ଶ୍ରୀଜଗନ୍ନାଥ ବନପ୍ରକଳ୍ପ ଆମ ପୂର୍ବପୁରୁଷଙ୍କ ପରିବେଶ ସନ୍ତୁଳନ ରକ୍ଷା କରିବାର ବାସ୍ତବ ଦୂରଦୃଷ୍ଟିକୁ ଦର୍ଶାଇଥାଏ। ସେହିପରି ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ପବିତ୍ର ମହାପ୍ରଭୁଙ୍କ ପବିତ୍ର ଅଣସର ସମୟରେ ପ୍ରଦାନ କରାଯାଉଥିବା ଦଶମୂଳ ମୋଦକ, ଫୁଲୁରୀ ତେଲ ଓ ପ୍ରାକୃତିକ ଜଡିବୁଟିର ଚିକିତ୍ସା ଏକ ସମ୍ପୂର୍ଣ୍ଣ ଆର୍ଯ୍ୟୁର୍ବେଦିକ ତଥା ବୈଜ୍ଞାନିକ ପ୍ରଣାଳୀ ଅଟେ, ଯାହା ମାନବ ଶରୀରର ଋତୁ ପରିବର୍ତନ ଜନିତ ଅସୁସ୍ଥତାକୁ ବାସ୍ତବ ଜୀବନରେ ପ୍ରତିଫଳିତ କରିଥାଏ। ବଡଦାଣ୍ଡରେ ଯେତେବେଳେ ପ୍ରବଳ ଗ୍ରୀଷ୍ମ କିମ୍ବା ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ସାଧାରଣ ଜନତା ବିନା କୌଣସି ସାମାଜିକ ପ୍ରଭେଦରେ ରଥ ଦଉଡିକୁ ଟାଣନ୍ତି, ସେତେବେଳେ ଓଡିଶାର ସେହି ପାରମ୍ପରିକ ଗ୍ରାମୀଣ ଭ୍ରାତୃଭାବ ଓ ଆତ୍ମିକ ସମ୍ପର୍କର ପ୍ରକୃତ ସ୍ୱରୁପ ଦେଖିବାକୁ ମିଳିଥାଏ, ଯେଉଁଠାରେ ଧନୀ-ଦରିଦ୍ର, ରାଜା-ପ୍ରଜା ସମସ୍ତେ ଧୂଳିମାଟିରେ ଏକାକାର ହୋଇଯାନ୍ତି। ତା' ସହିତ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଅର୍ପଣ କରାଯାଉଥିବା ପୋଡପିଠା କେବଳ ଏକ ଭୋଗ ନୁହେଁ, ବରଂ ଓଡିଆ ଘରର ପାରମ୍ପରିକ ଖାଦ୍ୟ ସଂସ୍କୃତିର ସୁଆଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାର ଏକ ବାସ୍ତବ ମାଧ୍ୟମ ଅଟେ।

ରାଜ୍ୟର ନବୀନ ପିଢି କିଭଳି ଭାବେ ରଥ ନିର୍ମାଣର ପାରମ୍ପରିକ ଶିଳ୍ପକଳା, ଗୀତଗୋବିନ୍ଦ ଗାନ ଏବଂ ଓଡିଶୀ ସଂସ୍କୃତିର ଏହି ବାସ୍ତବ ମୂଲ୍ୟବୋଧକୁ ଶିଖିବେ ଓ ବଂଚାଇ ରଖିବେ, ତାହା ହିଁ ଆଜିର ସମୟର ସବୁଠାରୁ ବଡ ଆବଶ୍ୟକତା ଅଟେ। ତେଣୁ ରଥଯାତ୍ରା କେବଳ ଧାର୍ମିକ ଭାବପ୍ରବଣତାର ପର୍ବ ନୁହେଁ, ବରଂ ଓଡିଆ ଜାତିର ସାମାଜିକ ଶୃଙ୍ଖଳା, ପାରମ୍ପରିକ ବିଜ୍ଞାନ ଓ ବାସ୍ତବ ଜୀବନ ବଂଚିବାର ଏକ ମହାନ କଳା ଅଟେ, ଯାହା ଯୁଗେ ଯୁଗେ ପ୍ରତିଟି ଓଡିଆଙ୍କୁ ନିଜ ମାଟି ଓ ପରମ୍ପରା ସହିତ ଦୃଢ ଭାବରେ ଯୋଡି ରଖିବାରେ ସଫଳ ହୋଇଛି।

ମୋ ନଂ-୯୪୩୭୯୯୪୩୭୯

# ଚୀନର ଚକ୍ରବ୍ୟୂହ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

> ଚୀନ ଭାରତର ପଶ୍ଚିମୀ ସୀମାରେ ପ୍ରଥମେ ସିପିଇସି, ଚୀନ - ପାକିସ୍ତାନ ଆର୍ଥିକ କରିଡର ନିର୍ମାଣ କରିସାରିଛି। ଏବେ ଭାରତର ପୂର୍ବୀ ସୀମାରେ ନୂଆ ଆର୍ଥିକ କରିଡର ନିର୍ମାଣ କରୁଛି। ଯାହାକୁ ସିଏମବିଇସି, ଚୀନ- ମ୍ୟାନମାର- ବାଂଲାଦେଶ ଆର୍ଥିକ କରିଡର କୁହାଯାଉଛି। ଉଭୟ ପ୍ରକଳ୍ପ ନାମକୁ ମାତ୍ର ଆର୍ଥିକ କରିଡର। ବାସ୍ତବରେ ଏହା ଭାରତକୁ ପଶ୍ଚିମ ଏବଂ ପୂର୍ବ ଦିଗରୁ ଘେରିବାର ଏକ ବିପଜ୍ଜନକ କୂଟନୈତିକ ରଣନୀତି। ନୂତନ ଚାଲବାଜି। ଚକ୍ରାନ୍ତ ଓ ଚକ୍ରବ୍ୟୂହ। ଅବଶ୍ୟ ଏହାରି ପଛରେ ଚୀନର ଏକ ଭୟ ଲୁଚି ରହିଛି।

ଚୀନ ଭାରତର ପଡୋଶୀ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର। ପାକିସ୍ତାନ ପରି ପାରମ୍ପରିକ ଶତ୍ରୁ ନହେଲେ ମଧ ମିତ୍ର - ଶତ୍ରୁ ରାଷ୍ଟ୍ର କୁହାଯାଇପାରିବ। ଆଗରୁ ଭାରତ ଓ ଚୀନ ମଧ୍ୟରେ ଘନିଷ୍ଠ ସାଂସ୍କୃତିକ ଓ ଗଭୀର ବାଣିଜ୍ୟିକ ସମ୍ପର୍କ ଥିଲା। ସୀମା ବିବାଦ କାରଣରୁ ସମ୍ପ୍ରତି ତତ୍କାଳୀକ ମଧୁର ସମ୍ପର୍କରେ ତିକ୍ତତା ଆସିଛି। ଚୀନ ଭାରତକୁ ସବୁଦିଗରୁ ଘେରିବାକୁ ତାର ଆପ୍ରାଣ ଉଦ୍ୟମ ଜାରି ରଖିଛି। ଅବଶ୍ୟ ଏଭଳି ଗମ୍ଭୀର ତଥା ସମ୍ବେଦନଶୀଳ ସ୍ଥିତିରେ ଭାରତ ଚୁପଚାପ ହାତବାନ୍ଧି ବସିନି। ଚୀନ ଉପରେ ତୀକ୍ଷ୍ଣ ନଜର ରଖିଛି। ଠିକ ସମୟରେ ଠିକ ସ୍ଥାନରେ ଠିକ ଜବାବ ଦେବାକୁ ପ୍ରସ୍ତୁତ ରହିଛି। ମ୍ୟାନମାର ଓ ବାଂଲାଦେଶରେ ଅନେକ ପ୍ରକଳ୍ପ କାମ ଚାଲିଛି। ଭାରତ - ଜାପାନ ମିଳିତ ଉଦ୍ୟମରେ ବାଂଲାଦେଶର କାକ୍ସ ବଜାର ଜିଲ୍ଲାରେ ଦେଶର ପ୍ରଥମ ଡିପ ସି ମାତରବାରୀ ବନ୍ଦରର ନିର୍ମାଣ ଓ ବିକାଶ କାମ ଅବ୍ୟାହତ ରହିଛି। ଭାରତ ମ୍ୟାନମାରରେ ଗଭୀର ସାମୁଦ୍ରିକ ବନ୍ଦର ବିକଶିତ କରିସାରିଛି। କଲିକତାରୁ ସିଧାସଳଖ ମ୍ୟାନମାର ଓ ସେଠାରୁ ମିଜୋରାମକୁ ସଂଯୁକ୍ତ କରିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ।

ଚୀନ ଭାରତର ପଶ୍ଚିମୀ ସୀମାରେ ପ୍ରଥମେ ସିପିଇସି, ଚୀନ - ପାକିସ୍ତାନ ଆର୍ଥିକ କରିଡର ନିର୍ମାଣ କରିସାରିଛି। ଏବେ ଭାରତର ପୂର୍ବୀ ସୀମାରେ ନୂଆ ଆର୍ଥିକ କରିଡର ନିର୍ମାଣ କରୁଛି। ଯାହାକୁ ସିଏମବିଇସି, ଚୀନ- ମ୍ୟାନମାର- ବାଂଲାଦେଶ ଆର୍ଥିକ କରିଡର କୁହାଯାଉଛି। ଉଭୟ ପ୍ରକଳ୍ପ ନାମକୁ ମାତ୍ର ଆର୍ଥିକ କରିଡର। ବାସ୍ତବରେ ଏହା ଭାରତକୁ ପଶ୍ଚିମ ଏବଂ ପୂର୍ବ ଦିଗରୁ ଘେରିବାର ଏକ ବିପଜ୍ଜନକ କୂଟନୈତିକ ରଣନୀତି। ନୂତନ ଚାଲବାଜି। ଚକ୍ରାନ୍ତ ଓ ଚକ୍ରବ୍ୟୂହ। ଅବଶ୍ୟ ଏହାରି ପଛରେ ଚୀନର ଏକ ଭୟ ଲୁଚି ରହିଛି। ଚୀନ ତାର ୮୦% ତେଲ ସମୁଦ୍ରପଥ ସ୍ଥିତ ମାଲାକା ପ୍ରଣାଳୀ ଦେଇ ଆମଦାନୀ କରିଥାଏ। ଏହି ସାମୁଦ୍ରିକ ଜଳପଥ ଖୁବ୍ ସରୁ ଓ ପତଳା। ଯୁଦ୍ଧ କିମ୍ବା ଯୁଦ୍ଧ ଭଳି ସ୍ଥିତିରେ ଏହି ପ୍ରଣାଳୀକୁ ଅବରୁଦ୍ଧ କରିବା ଭାରତ କିମ୍ବା ଆମେରିକା ନେଭି ପାଇଁ ଅତ୍ୟନ୍ତ ସହଜ। ଯଦି କେବେ ଏପରି ସ୍ଥିତି ଉପୁଜେ ତେବେ ଚୀନର ତୈଳ ଆମଦାନୀ ବାଧିତ ହେବା ନିଶ୍ଚିତ। ଠପ୍ ପଡ଼ିବ। ତେଣୁ ଆଗତୁରା ପଦକ୍ଷେପ ସ୍ୱରୂପ ଚୀନ ସିପିଇସି ନିର୍ମାଣ କରିଛି। ଏହା ପାକିସ୍ତାନ ଅଧିକୃତ କାଶ୍ମୀର, ପିଓକେ ଦେଇ ଆରବ ସାଗରରେ ପାକିସ୍ତାନର ବେଲୁଚିସ୍ତାନ ତଟ ସ୍ଥିତ ଗ୍ୱାଦର ବନ୍ଦରରେ ପହଞ୍ଚେ । ସିପିଇସି ଦ୍ୱାରା ଚୀନର ଦୁଇଟି ଲାଭ ହେବ। ପ୍ରଥମ – ସେ ମାଲାକା ରୁଟ୍‌କୁ ସହଜରେ ବାଇପାସ୍ କରିପାରିବ ଏବଂ ଦ୍ୱିତୀୟ – ତାକୁ ଆରବ ସାଗରରେ ସିଧାସଳଖ ଏଣ୍ଟ୍ରି ମିଳିବ। ସେହିପରି ସିଏମବିଇସି ଟ୍ରେଡ଼ ରୁଟ୍ ଦ୍ୱାରା ତାହାକୁ ବଙ୍ଗୋପ ସାଗରରେ ସିଧା ପ୍ରବେଶ ମିଳିବ। ଚୀନ ମ୍ୟାନମାର, ବାଙ୍ଗଲାଦେଶ ଜରିଆରେ ଭାରତର ପୂର୍ବୀ ମୁହାଣରେ ବସିବାକୁ ଚାହେଁ ଯାହାଦ୍ୱାରା ଆରବ ମହାସାଗରରେ ତାର ଦଖଲ ହୋଇପାରିବ।

ଚୀନ-ମ୍ୟାନମାର-ବାଂଲାଦେଶ ଆର୍ଥିକ କରିଡର ଚୀନର ୟୁନାନ ପ୍ରାନ୍ତର ରାଜଧାନୀ



କୁକମିଙ୍ଗରୁ ଆରମ୍ଭ ହୁଏ। ମ୍ୟାନମାରର ମାଣ୍ଡଲେ ପହଞ୍ଚିବ। ପୁଣି ସେଠାରୁ ମ୍ୟାନମାରର ପୁରୁଣା ରାଜଧାନୀ ୟାଙ୍ଗୁନ ଓ ପରେ କ୍ୟୁକ-ପ୍ୟୁ ସ୍ଥିତ ଡିପ ସି ପୋର୍ଟ, ଗଭୀର ସାମୁଦ୍ରିକ ବନ୍ଦର ସହିତ ଯୋଡିହେବ। ଏହାକୁ ମ୍ୟାନମାରରୁ ରୋଡ଼, ରେଳ ରାସ୍ତାରେ ବାଂଲାଦେଶର ଚଟଗାଁ, କାକ୍ସ ବଜାର ଜିଲ୍ଲା ଓ ଅନ୍ତିମରେ ମୋଙ୍ଗଲା ବନ୍ଦରକୁ ଯୋଡ଼ାଯିବ। କିନ୍ତୁ ଏହି ଆର୍ଥିକ କରିଡର ସମ୍ପୂର୍ଣ୍ଣ କରିବା ସହଜ ନୁହଁ। ଯଦିଓ ୨୦୩୦ ସୁଦ୍ଧା ଏହାକୁ ପୂରା କରିବାର ଯୋଜନା ରହିଛି, ତଥାପି ଏହା ସାମ୍ନାରେ ଏତେ ପ୍ରତିବନ୍ଧକ ଓ ଆହ୍ୱାନ ରହିଛି ଯେ ୨୦୪୦ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ନା ନାହିଁ ସନ୍ଦିହାନ। ଏହା ଆମେ କହୁନାହୁଁ। ଏଭଳି ଆଶଙ୍କା ପ୍ରକଟ କରିଛି ବାଙ୍ଗଲାଦେଶର ଖବରକାଗଜ 'ଦି ଡେଲି ଷ୍ଟାର'। ଏହାର ମୁଖ୍ୟ କାରଣ ହେଉଛି ମ୍ୟାନମାରର ସାମ୍ପ୍ରତିକ ସ୍ଥିତି। ବର୍ତ୍ତମାନ ମ୍ୟାନମାରର ଅବସ୍ଥା ଭଲ ନାହିଁ। ଗୃହଯୁଦ୍ଧ ଲାଗିରହିଛି। ମ୍ୟାନମାର ବିଚ୍ଛୁରିତ ହୋଇପଡିଛି। ଗ୍ଲୋବାଲ କନଫ୍ଲିକ୍ଟ ଟ୍ରେକର ଅନୁସାରେ ମ୍ୟାନମାରର କେବଳ ୨୦% କ୍ଷେତ୍ରଫଳ ସୈନ୍ୟ ସରକାରର ନିୟନ୍ତ୍ରଣରେ ରହିଛି। ଦେଶର ୪୨% ବିଦ୍ରୋହୀଙ୍କ କବ୍‌ଜାରେ। ମ୍ୟାନମାରର ଯେଉଁ ରାସ୍ତା ଦେଇ ସିଏମବିଇସି ଆଗକୁ ବଢିବ ସେହି ରାସ୍ତାର ୧୭ ଛୋଟ ସହରରୁ ୧୪ ଅରାକାନ ସଶସ୍ତ୍ର ବିଦ୍ରୋହୀ ଗୋଷ୍ଠୀଙ୍କ ନିୟନ୍ତ୍ରଣାଧୀନ। ଚିନୀ ମୌଳିକ ସଂରଚନାରୁ ମାତ୍ର ଦୁଇ କିଲୋମିଟର ଦୂରରେ ବିଦ୍ରୋହୀ ଗୋଷ୍ଠୀ ଓ ସେନା ମଧ୍ୟରେ ଯୁଦ୍ଧ ଚାଲିଛି। ମ୍ୟାନମାରରେ ଅସ୍ଥିରତା ହେତୁ ପୂର୍ବରୁ ଚୀନର ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ କାମ ବନ୍ଦ ଅଛି। ପୂରାପୂରି ଠପ୍ ପଡିଛି । ବାଂଲାଦେଶ କହୁଛି ପ୍ରକଳ୍ପ କାମ ସେବେ ଆଗକୁ ବଢ଼ିବ ଯେତେବେଳେ ବାଂଲାଦେଶରେ ରହୁଥିବା ୧୨ ଲକ୍ଷ ରୋହିଙ୍ଗିଆଙ୍କୁ ମ୍ୟାନମାର ଶରଣ ପ୍ରଦାନ କରିବ। ଅଥଚ ଗୃହଯୁଦ୍ଧ ଦୃଷ୍ଟିରୁ ଏହା ଅସମ୍ଭବ ମନେହୁଏ।

ସିଏମବିଇସି ପ୍ରକଳ୍ପକୁ ନେଇ ବାଙ୍ଗଲାଦେଶରେ ସ୍ଥିତ ଚୀନ ରାଷ୍ଟ୍ରଦୂତ ଏକ ଚତୁର କୂଟନୈତିକ ବୟାନ ଜାରି କରି କହିଛନ୍ତି ଯେ ଏଥିରେ ଭାରତ ମଧ୍ୟ ସାମିଲ ହୋଇପାରିବ। କିନ୍ତୁ ଏହା ତାରି ଉପରେ ନିର୍ଭର କରେ। ଏପରି ବୟନବାଜି ଚୀନର ରାଜନୈତିକ ତଥା କୂଟନୈତିକ ଟ୍ରାପ ବ୍ୟତୀତ ଅନ୍ୟ କିଛି ନୁହଁ। ଚୀନର ବିଆର୍‌ଆଇ ପ୍ରୋଜେକ୍ଟକୁ ଭାରତ ଦୃଢ଼ ବିରୋଧ କରିଆସିଛି। ଆଗକୁ କରିବ ମଧ। ପାକିସ୍ତାନ ଅଧିକୃତ କାଶ୍ମୀର ଭାରତର ଅବିଚ୍ଛିନ୍ନ ଅଙ୍ଗ। ପିଓକେ ଦେଇ ଚୀନର ସିପିଇସି ନିର୍ମାଣକୁ ଭାରତ ତାର ସମ୍ପ୍ରଭୁତା ଉପରେ ହମଲା ବୋଲି ବିବେଚନା କରେ। ଆରବ ସାଗରରେ ପ୍ରବେଶ ପାଇଁ ଚୀନ ପାକିସ୍ତାନର ଗ୍ୱାଦର ବନ୍ଦରକୁ ଜରିଆ କରି ଖେଳ ଖେଳିଥିଲା।

ବାଂଲାଦେଶ ଏବଂ ମ୍ୟାନମାର ପଛରେ ଲୁଚି ଚୀନ ଏବେ ବଙ୍ଗାଳ ଖାଡ଼ିରେ ପ୍ରବେଶ ପାଇଁ ସେହି ସମାନ ଖେଳ ଖେଳୁଛି। ସଡ଼କ ଏବଂ ରେଲ ଟ୍ରେଡ଼ ରୁଟ୍ ନାମରେ ବିଛଯାଉଛି, ତେବେ ମଧ ଅସଲରେ ଏହା ଭାରତକୁ ଦୁଇ ଦିଗ – ପୂର୍ବ ଓ ପଶ୍ଚିମ ପଟୁ ସ୍ଥଳ ଓ ଜଳପଥରେ ଘେରିବାର ଏକ ସୁନିୟୋଜିତ ଯୋଜନା, ଚାଲ୍ । ରଣନୈତିକ ଚକ୍ରାନ୍ତ, ଏକ ଚକ୍ରବ୍ୟୂହ। ପଶ୍ଚିମ ସିପିଇସି ପରେ ପୂର୍ବ ଦିଗ ନୂଆ ଆର୍ଥିକ କରିଡର ନିର୍ମାଣ କରି ଚୀନ ଭାରତ ସୀମାକୁ ଅନ୍ତତଃ ଶାନ୍ତ ରଖିବାକୁ ଚାହୁଁନି, ଏହା ସୁସ୍ପଷ୍ଟ। କିନ୍ତୁ ମନେରଖିବାକୁ ହେବ ଯେ ଭାରତ ଚକ୍ରବ୍ୟୂହ ଭେଦିବା ସହିତ ତା'ଭିତରୁ ସକୁଶଳେ ଫେରିବାର କୌଶଳ ମଧ ସଠିକ୍ ଭାବେ ଜାଣେ। ଠିକଣା ସମୟରେ ଚୀନକୁ ଠିକଣା ଜବାବ ମିଳିବା ନିଶ୍ଚିତ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨ ୮୩୧୯୦

# ଦୁର୍ବଳ ମୋବାଇଲ ନେଟଓ୍ବାର୍କ ଇଣ୍ଟରନେଟ ସେବା ବ୍ୟାହତ ଯୋଗୁଁ ଅସନ୍ତୋଷ

ଖଣ୍ଡପଡ଼ା, ୧୫ ।୭ (ନିପ୍ର): ଗତ କିଛି ମାସ ଧରି ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଦୁର୍ବଳ ମୋବାଇଲ ନେଟଓ୍ବାର୍କ ଯୋଗୁଁ ଜନସାଧାରଣ,ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କୁ ପ୍ରଥମେ ମୋବାଇଲ ସେବା ପ୍ରଦାନ କରି ଆସୁଥିବା ବିଏସଏନଏଲ ସଂସ୍ଥା ରୁଗଣ ଅବସ୍ଥାକୁ ଚାଲି ଆସିବା ପରେ ଅନ୍ୟାନ୍ୟ ନାମୀଦାମୀ ଘରୋଇ କମ୍ପାନୀର ମୋବାଇଲ ନେଟଓ୍ବାର୍କ ଉପରେ ଅଞ୍ଚଳବାସୀ ପୂରା ନିର୍ଭର କରି ଚଳି ଆସୁଥିଲେ। ମାତ୍ର ଏବେ ଉକ୍ତ ମୋବାଇଲ ନେଟଓ୍ବାର୍କ କମ୍ପାନୀ ଗୁଡିକ ପୂର୍ବ ପରି ଆଉ ସେପରି ସେବା ପ୍ରଦାନ ନ କରି ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେବା ଆଳରେ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଦୁର୍ବଳ ମୋବାଇଲ ନେଟଓ୍ବାର୍କ ଏବେ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଆଜିର ଡିଜିଟାଲ ଯୁଗରେ ସମସ୍ତଙ୍କ ପାଇଁ ମୋବାଇଲ ଓ ଇଣ୍ଟରନେଟ ସେବା ଅପରିହାର୍ଯ୍ୟ ହୋଇଥିବା ବେଳେ ସମସ୍ତ ସରକାରୀ ,ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡିକ ଇଣ୍ଟରନେଟ ସେବା ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରୁଛି। ସେହିପରି ପାଠ ପଢ଼ିବା ନିମନ୍ତେ ଛାତ୍ରଛାତ୍ରୀମାନେ ମଧ୍ୟ ମୋବାଇଲ ନେଟଓ୍ବାର୍କ ଉପରେ ନିର୍ଭର କରିଥାନ୍ତି। ଏଭଳି ସ୍ଥିତିରେ ମୋବାଇଲ ନେଟଓ୍ବାର୍କରୁ ସମଗ୍ର ଅଞ୍ଚଳବାସୀ ବଞ୍ଚିତ ହେବା ଦୁଃଖର ବିଷୟ ଅଟେ।ତେଣୁ ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଏସଏନଏଲ କର୍ତ୍ତୃପକ୍ଷଙ୍କ ସମେତ ଦେଶର ନାମିଦାମୀ ମୋବାଇଲ ସେବା ପ୍ରଦାନକାରୀ କଂପାନିଗୁଡିକ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଉଚ୍ଚ ଶକ୍ତି ସମ୍ପନ୍ନ ଏକାଧିକ ମୋବାଇଲ ଟାୱାର ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଲଘୁଚାପ ବର୍ଷାରେ ଅସ୍ତବ୍ୟସ୍ତ ଜନଜୀବନ ଫସଲ ଓ ରାସ୍ତାଘାଟ ନେଇ ଚିନ୍ତା

ଧାମନଗର, ୧୫ ।୭(ନିପ୍ର); ଲଗାତାର ଲଘୁଚାପ ବର୍ଷା ଯୋଗୁଁ ଧାମନଗର ଅଞ୍ଚଳରେ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତକାଲି ଓ ଆଜିର ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବା ସହ କୃଷି କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତିର ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ,ଭଦ୍ରକ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୬୭.୨ ମି.ମି. ବର୍ଷା ହୋଇଥିବା ବେଳେ ଧାମନଗରରେ ୪୯ ମି.ମି., ବନ୍ତରେ ୪୪ ମି.ମି., ତିହିଡ଼ିରେ ୪୨ ମି.ମି., ଭଣ୍ଡାରିପୋଖରୀ ରେ ୩୦ ମି.ମି. ଏବଂ ବାସୁଦେବପୁରରେ ୨୯ ମି.ମି. ବର୍ଷା ରେକର୍ଡ କରାଯାଇଛି। ବର୍ଷା କାରଣରୁ ଧାମନଗର ବ୍ଲକରେ ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁଁ ଗୋରୁଗାଈମାନେ ବାହାରକୁ ବାହାରି ନପାରି ଗୁହାଳରେ ଅଟକି ରହିଥିବାବେଳେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ପୂର୍ବ ଲଘୁଚାପ ଓ ବର୍ତ୍ତମାନର ବର୍ଷା ଯୋଗୁଁ ପନିପରିବା ଚାଷ ବ୍ୟାପକ ଭାବେ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି।ଅବିଶ୍ରାନ୍ତ ବର୍ଷା ଯୋଗୁଁ ସ୍ଥାନୀୟ ରାସ୍ତାଘାଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଧାମନଗର-ଫଳପୁର ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଏହି ଗାତଗୁଡ଼ିକ ବର୍ଷା ପାଣିରେ ପୂର୍ଣ୍ଣ ହୋଇଥିବାରୁ ଯାନବାହନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏହାଛଡ଼ା, ବିଭିନ୍ନ ନଦୀବନ୍ଧରେ ଚାଲିଥିବା କାର୍ଯ୍ୟ ଯୋଗୁଁ ରାସ୍ତା ଖରାପ ହୋଇ ପଥଚାରୀ ଓ ଯାନବାହନ ଚଳାଚଳରେ ବାଧା ଉପୁଜୁଛି। ନିମ୍ନାଞ୍ଚଳରେ ପାଣି ଜମିବାକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ତେବେ ରାସ୍ତା ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ଧବଳେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ନିମନ୍ତେ ପ୍ରଶାସନର ପ୍ରସ୍ତୁତି

ଆଠଗଡ଼, ୧୫ ।୭ (ନିପ୍ର); ବାବା ଧବଳେଶ୍ୱରଙ୍କ ପୀଠରେ ଶ୍ରାବଣ ମାସରେ କାଉଡିଆମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ଜଳଲାଗି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ତା୦୩.୦୮.୨୦୨୬ରିଖ ଠାରୁ ତା୨୪ ୦୮.୨୦୨୬ରିଖ ମଧ୍ୟରେ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର କାଉଡ଼ିଆମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ଜଳ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ବୈଠକରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଶେଷକରି ବ୍ୟାରିକେଡିଙ୍ଗ, ପରିମଳ ବ୍ୟବସ୍ଥା, ଭକ୍ତମାନଙ୍କ ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତାଘାଟ ମରାମତି, ଆଲୋକୀକରଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଅଗ୍ନିଶମ ସେବା , ବିଦ୍ୟୁତ ସରବରାହ ଉପରେ ଉପଜିଲ୍ଲାପାଳ ଶ୍ରୀ ଶର୍ମା ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ତତସମନ୍ଧୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଶ୍ରାବଣ ମାସରେ ଭକ୍ତମାନଙ୍କ ପାଇଁ ଶୌଚାଳୟ ନିର୍ମାଣ, ଉଚ୍ଚ କ୍ଷମତା ସମ୍ପନ୍ନ ମାଇକ୍ ସାଉଣ୍ଡକୁ ନିଷେଧ ଏବଂ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ କରିବା ଏବଂ ଅଗ୍ନିଶମ ବାହିନୀ ଓ ଓଡ୍ରାଫ୍ ଟିମ୍ ନଦୀଘାଟ ପାଖରେ ସଜାଗ ରହିବା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ଜନଗଣନାରେ ନିଯୁକ୍ତ ଶିକ୍ଷକମାନଙ୍କୁ ପାରିଶ୍ରମିକ ମିଳିବାରେ ବିଳମ୍ବ

ଭାପୁର, ୧୫ ।୭ (ନିପ୍ର); ରାଜ୍ୟରେ ଜନଗଣନା -୨୦୨୭ କୁ ସଫଳ କରିବା ପାଇଁ ସରକାର ଶିକ୍ଷକ ମାନଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରିଥିଲେ।ସେମାନେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଖାତିର ନ କରି ଘରକୁ ଘର ବୁଲି ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରସ୍ତୁତ କରିଥିଲେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଶିକ୍ଷକ ମାନେ ନିଜକୁ ଜଳାଞ୍ଜଳି ଦେଇ ଡହଡହ ଖରାରେ ଜନଗଣନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅଂଶୁଘାତରେ ଜଣେ ଶିକ୍ଷକଙ୍କର ମୃତ୍ୟୁ ମଧ୍ୟ ଘଟିଲା କିନ୍ତୁ,କାର୍ଯ୍ୟ ଶେଷ ହେବାର ବହୁ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ପାରିଶ୍ରମିକ ଦେଇ ନ ଥିବା ଅଭିଯୋଗ ହୋଇଛି।କାର୍ଯ୍ୟର ଚାପ,ଛାତ୍ରଛାତ୍ରୀଙ୍କ ପାଠପଢା ଓ ନାମଲେଖା ବ୍ୟତୀତ ଜନଗଣନା ଭଳି ଗୁରୁଦାୟିତ୍ୱ ଶିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା କିନ୍ତୁ,ଏ ପର୍ଯ୍ୟନ୍ତ ସେମାନଙ୍କୁ କାହିଁକି ପାରିଶ୍ରମିକ ଦିଆଯାଇନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅହେତୁକ ବିଳମ୍ବ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାପାଇଁ ଶିକ୍ଷକ ମହଲରେ ଦାବି ହୋଇଛି।

# ସମବାୟ ସମିତିରୁ ସାର ଗାଏବକୁ ନେଇ ଜିଲ୍ଲାପାଳଙ୍କୁ ଗୁହାରି କଲେ ଚାଷୀ

ଭାପୁର, ୧୫ ।୭ (ନିପ୍ର); ଭାପୁର ବ୍ଲକ ଶାଳପଡା ପଂଚାୟତ ର ପ୍ରାଥମିକ ସେବା ସମବାୟ ସମିତି ରୁ ଚାଷୀ ଙ୍କ ପାଇଁ ଆସିଥିବା ସାର ଗାଏବ ହୋଇଯାଇଥିବା ନେଇ ନୟାଗଡ଼ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି ଚାଷୀ । ଉଲ୍ଲେଖ ଯୋଗ୍ୟ,ଖରିଫ ଋତୁରେ ଚାଷୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ୨୨୨ ବସ୍ତା ୟୁରିୟା ସାର ଆସିଥିଲା କିନ୍ତୁ,ସେଥିମଧ୍ୟରୁ ୫୪ ବସ୍ତା ଗାଏବକୁ ନେଇ ଚାଷୀ ଜିଲ୍ଲାପାଳ ଙ୍କୁ ଅଭିଯୋଗ କରିଛନ୍ତି।ଉଲ୍ଲେଖଯୋଗ୍ୟ, ୨୨୨ ବସ୍ତା ସାର ମଧ୍ୟରୁ ବେନିୟମ ଭାବରେ ୮୩ ବସ୍ତା ସମ୍ପାଦିକା ସ୍ୱର୍ଣ୍ଣଲତା ଆଚାର୍ଯ୍ୟ ଙ୍କ ସମ୍ପର୍କୀୟ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ଫଳରେ,ଅନ୍ୟ ଚାଷୀ ମାନେ ସମବାୟ ସମିତି ସମ୍ମୁଖରେ ହୋ ହାଲ୍ଲା କରିଥିଲେ। ଉକ୍ତ ଚାଷୀ ମାନେ ଭାପୁର ବ୍ଲକରେ ୧୩ ତାରିଖରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ବ୍ଲକ କୃଷି ଅଧିକାରିଣୀ ମୁକ୍ତିଲିନା ମୋନିକାଙ୍କୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।ରିପୋର୍ଟ ଅନୁଯାୟୀ,୮୫ ବସ୍ତା ଗଛିତ ଥିବାବେଳେ ୮୩ ବସ୍ତା ବିନା ପଞ୍ଜିକରଣରେ ଚାଷୀଙ୍କୁ ପ୍ରଦାନ କରାଯାଇଛି ଏବଂ ଅନ୍ୟ ୫୪ ବସ୍ତା ଗାଏବ ହୋଇଯାଇଛି। ଏହି ଘଟଣାକୁ ନେଇ ପଂଚାୟତବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ଜିଲ୍ଲାପାଳ କଣ ପଦକ୍ଷେପ ନେଉଛନ୍ତି ତାହାକୁ ଚାଷୀମାନେ ଅପେକ୍ଷା କରିଥିବା କୁହାଯାଉଛି।

# ରନ୍ଧାମଦକୁ ନେଇ ମହିଳା ଗୋଷ୍ଠୀଙ୍କ ସର୍ଚ୍ଚ ଅପରେସନ, ନଷ୍ଟ କଲେ ବସ୍ତାବସ୍ତା ମହୁଲ ପୋଚ

## ଅବକାରୀ ବିଭାଗ-ମଦ ମାଫିଆଙ୍କ ମଧ୍ୟରେ ସଲାସୁତରା !

ରେଢ଼ାଖୋଲ, ୧୫ ।୭ (ନିପ୍ର); ବେଆଇନ ରନ୍ଧା ମଦ ଭାଟି ଉପରେ ତାତିଲେ ମହିଳା ଗୋଷ୍ଠୀ । ଜଙ୍ଗଲ ଭିତରେ ଆରମ୍ଭ କଲେ ସର୍ଚ୍ଚ ଅପରେସନ ଆଉ ଯାହା ପାଇଲେ ସବୁ ଫିଙ୍ଗିଲେ ଓ ଭାଙ୍ଗି ଚୂରମାର୍ କଲେ । ଯାହା ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ କରିବା କଥା ତାହା କରି ଦେଖାଇଲେ ଶତାଧିକ ମହିଳା । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କୁକୁଡ଼ାବାହାଲୀ ଗାଁ ଜଙ୍ଗଲରେ । ସୂଚନାଯୋଗ୍ୟ ଯେ କୁକୁଡ଼ାବାସାଳି ଗାଁ ଏକ ଜଙ୍ଗଲ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଗାଁ ଟିଏ । ହେଲେ ଏଠାରେ ବର୍ତମାନ ମଦୁଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି ଆଉ ଏହାର ମୁଖ୍ୟ କାରଣ ହେଲା ରନ୍ଧା ମହୁଲି ମଦ । କଶିବାହାଲ,ସାନ ନୁଆପଡା, କାଙ୍କଣପଡା ଆଦି ପାଖ ଆଖ ଗାଁ ଗୁଡିକରେ ମଦ ବିରୋଧ ଆନ୍ଦୋଳନ କରି ଗାଁ ମାନଙ୍କରେ ଥିବା ମଦଭାଟି ଗୁଡିକ ବନ୍ଦ କରିବା ସହ ମଦ ନିଷେଧ ଅଞ୍ଚଳ ଘୋଷଣା କରିବା ଫଳରେ ଏହାର ଫାଇଦା ନେଇ କୁକୁଡ଼ାବାହାଳି ଗ୍ରାମରେ କିଛି ଅମାନୁଷିକ ବ୍ୟକ୍ତି ବେଆଇନ ଭାବେ ଜଙ୍ଗଲ ଭିତରେ ଦେଶୀ ମଦ ରାନ୍ଧିବା ସହ ପୋଡଶୀ ଗାଁ ଗୁଡିକରେ ମଦ ବିକ୍ରି କରୁଥିଲେ । ତାହାଛଡା ଏହି ଗାଁ ରେ ସ୍କୁଲ ଆଗରେ ମଦ ଭାଟି, ପଛରେ ରସ ଭାଟିରୁ ଲୋକେ ନିଶା ସେବନ କରି ଗାଁ ରାସ୍ତା, ପରିବାର ,ତଥା ନିଜନିଜ ଭିତରେ ଝଗଡ଼ା ଝାଣ୍ଟି ହେବା ସହ ରାସ୍ତା ଘାଟରେ ଅସଭ୍ୟ ଭାଷା ପ୍ରୟୋଗ କରୁଥିଲେ । ଫଳରେ ଗାଁ ରେ ଛାତ୍ର ଛାତ୍ରୀ ସହ ମହିଳାମାନେ ରାସ୍ତାରେ ଯିବା ଆସିବାକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ସବୁକୁ ସହିନପାରି ଶେଷରେ ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ମଙ୍ଗଳବାର ଗ୍ରାମର ୨୦ଟି ଏସଏଚଜି ମହିଳା ସଂଘର ଶତାଧିକ ମହିଳା ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମଦ ଯୋଗୁଁ ଗାଁରେ ସାମାଜିକ ଅଶାନ୍ତି ଓ ପାରିବାରିକ ହିଂସା ବଢୁଥିବା ଅଭିଯୋଗ କରି ମହିଳାମାନେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ ଠାରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରି ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନକୁ ଅବଗତ କରାଇଥିଲେ । ହେଲେ



ଏଥିପ୍ରତି ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନର ଅବହେଳା ହେତୁ ବୁଧବାର ଗାଁ ପାଖ ଜଙ୍ଗଲରେ ମଦ ରନ୍ଧା ଯାଉଥିବା ସୂଚନା ପାଇ ନିଜେ ଗାଁର ଶତାଧିକ ମହିଳା ଏକାଠି ହୋଇ ପୋଲିସ ଓ ଅବକାରୀ ବିଭାଗକୁ ଖବର ଦେଇଥିଲେ । ହେଲେ ବିଭାଗ ଆସିବା ଡେରିହେବାରୁ ଶେଷରେ ନିଜେ ଏକଜୁଟ୍ ହୋଇ ଜଙ୍ଗଲ ଭିତରେ ଆରମ୍ଭ କଲେ ସର୍ଚ୍ଚ । ଏବଂ ଜଙ୍ଗଲ ଭିତରେ ବେଆଇନ ଭାବେ ରନ୍ଧା ଯାଉଥିବା ଜାଗାରେ ପହଞ୍ଚି ଥିଲେ। ଗାଁର ଶତାଧିକ ମହିଳାଙ୍କୁ ଦେଖି ଆଗରୁ ଜାଣିପାରି ଫେରାର୍ ମାରିଥିଲେ ମଦ ରାନ୍ଧୁଥିବା ଲୋକେ । ହେଲେ ସେହି ସ୍ଥାନରେ ଲୁଚାଇଥିବା ଶହଶହ ମହୁଲ ପୋଚ,ରନ୍ଧା ମଦ ଏବଂ ମଦରେ ବ୍ୟବହୃତ ସାମାନ କୁ ଫିଙ୍ଗି ବା ସହ ବଡ଼ବଡ଼ ଗଞ୍ଜ ଓ ଡେକଚି ତଥା ସାମଗ୍ରୀ ଗୁଡିକ ଭାଙ୍ଗି ଚୂରମାର୍ କରିଥିଲେ। ତତ୍ ସହିତ ବୁଦାମୁଳ ଗୁଡିକରେ ଥିବା ରନ୍ଧା ମଦ ଓ ବୋତଲ ଗୁଡିକ ଖୋଜି ଭାଙ୍ଗି ଥିଲେ । ମଦ ଯୋଗୁଁ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବା ସହିତ ବିଦ୍ୟାଳୟ ଆଗରେ ମଦଭାଟି, ପଛରେ ରସ ଭାଟି ରହିଥିବା ଯୋଗୁଁ ପିଲା ମାନଙ୍କ ଭବିଷ୍ୟତ କଣ ହେବ ବୋଲି ମହିଳାମାନେ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ ମଧ୍ୟ କରିଛନ୍ତି। ତେଣୁ ତୁରନ୍ତ ଗାଁରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯାଉ ବୋଲି ଦାବି ରଖିଛନ୍ତି । ଅନ୍ୟପଟେ ଅବକାରୀ ବିଭାଗ ବିଳମ୍ବରେ ପହଞ୍ଚି ବାରୁ ଅସନ୍ତୋଷ ଦେଖାଦେବା ସହ ଏହିସବୁ ଜାଣିଶୁଣି ମୋଟା ଅଙ୍କ ନେଇ ଚୁପଚାପ୍ ରହିଥିବା ଲୋକେ କହିଛନ୍ତି। ତାହାଛଡା ଚଢ଼ାଉରେ ମଦ ରନ୍ଧାଯାଉଥିବା ସାମଗ୍ରୀ ଓ ମହୁଲପୋଚ କୁ ଅବକାରୀ ବିଭାଗ କାହିଁକି ସିଜ୍ କଲାନାହିଁ ବୋଲି ମଧ୍ୟ ମହିଳାମାନେ କହିଛନ୍ତି । ଏଥିରୁ ସ୍ପଷ୍ଟ ଯେ ଏହା ସବୁ ସଲାସୁତରାରେ ହେଉଛି ବୋଲି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ତେଣୁ ଏହା ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗକୁ ତୀବ୍ର ଆନ୍ଦୋଳନ ହେବାସହ ରାଜରାସ୍ତାକୁ ଓହ୍ଲାଇବେ ମହିଳା ଗୋଷ୍ଠୀ ବୋଲି ସରକାର ଓ ସ୍ଥାନୀୟ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ରଥଯାତ୍ରା ପୂର୍ବରୁ ଶ୍ରୀଜୀଉଙ୍କ ଉଭାଯାତ୍ରା ଏବଂ ରଥକୁ ଆଜ୍ଞାମାଳ ବିଜେ

ରାଉରକେଲା ୧୫/୭ (ନିପ୍ର): ଗୁରୁବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଜୁନ୍ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବଡଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ବେଦୀରେ ମହାସ୍ନାନ କରି ଜ୍ୱରରେ ପୀଡିତ ହୋଇ ଅଣସର ଘରେ ଥିଲେ। ଗୁପ୍ତ ସେବାରେ ଆରୋଗ୍ୟଲାଭ କରିବା ପରେ ଗତକାଲି ନେତ୍ରୋତ୍ସବ ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ରତ୍ନ ସିଂହାସନରେ ନବଯୌବନ ଦର୍ଶନ ମିଳିଥିଲା। ଉଭାଯାତ୍ରା ଏବଂ ଆଜ୍ଞାମାଳ ବିଜେ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ, ବଡଭାଇ ଶ୍ରୀବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ଠାରୁ ଆଜ୍ଞାମାଳ ରଥ ନିକଟକୁ ଆସିବା ପରେ ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ଉଦିତନଗର ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ନୀତିକାନ୍ତି ଅନୁଷ୍ଠିତ ହେଉଛି। ଗୁରୁବାର ଦିନ ଶ୍ରୀ ଗୁଣ୍ଡିଚା ରଥଯାତ୍ରା। ସକାଳେ ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବା ପରେ ରଥ ଉପରକୁ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହେବ। ରଥ ଉପରେ ଗଜପତିଙ୍କ ଛେରା ପହଁରା ପରେ ଅପରାହ୍ନ ୨ଟାରେ ରଥଯାତ୍ରାରେ ରଥଟଣା ଆରମ୍ଭ ହେବା ପାଇଁ ସମସ୍ତ ଆୟୋଜନ କରାଯାଇଛି। ସେହିପରି ରାଉରକେଲା ସହରର ପାନପୋଷ ଶ୍ରୀଜଗନ୍ନାଥ ମନ୍ଦିର, ତାରିଣୀ ମନ୍ଦିର ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ହନୁମାନ ଚାରିଟେବୁଲ



ଟ୍ରଷ୍ଟ ପକ୍ଷରୁ ହନୁମାନ ବାଟିକା ଶ୍ରୀଜଗନ୍ନାଥ ମନ୍ଦିର, ପ୍ଲାଣ୍ଟସାଇଟ୍ ଶ୍ରୀଜଗନ୍ନାଥ ମନ୍ଦିର ଛେଣ୍ଡ କଲୋନୀ ଦେବ ବିହାର ଶ୍ରୀଜଗନ୍ନାଥ ମନ୍ଦିର, ବାସନ୍ତୀ କଲୋନୀ ଶ୍ରୀଜଗନ୍ନାଥ ମନ୍ଦିର ସମେତ ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଦିତନଗର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବାୟତ ସୁଦାମା ପାଣ୍ଡେ ଏବଂ ମୁକେଶ ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବନୀତି ଅନୁଷ୍ଠିତ ହେଉଛି।

ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟର ସଭାପତି ଦିଲ୍ଲିପ କୁମାର କରଙ୍କ ସମେତ ବିଜୟ ପ୍ରଧାନ, ରାଜେନ୍ଦ୍ର ମଲ୍ଲ, ମିଟୁ ବେଉରିଆ, ଓମପ୍ରକାଶ ବାପୁଡିଆ, ରମେଶ ଅଗ୍ରୱାଲ, ଦୀପକ ମୋଦି, ଶ୍ୟାମପ୍ରସାଦ ଜୈସ୍ୱାଲ, ଅଶୋକ ମାହାତୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଠକେଇ ମାମଲା: ୩ ଦିନିଆ ରିମାଣ୍ଡରେ ଝିଲି

ପାରଳାଖେମୁଣ୍ଡି, ୧୫ ।୭ (ନିପ୍ର); ବହୁଚର୍ଚ୍ଚିତ ୧ କୋଟି ୩୭ ଲକ୍ଷ ଟଙ୍କାର ଠକେଇ ମାମଲାରେ ଗିରଫ ହୋଇଥିବା ପାରଳାଖେମୁଣ୍ଡି ସହରର ଭିକ୍ଟୋରି କଲୋନି ନିବାସୀ ଝିଲି ସାହୁଙ୍କୁ ଅଧିକ ତଦନ୍ତ ପାଇଁ ପୁଲିସ ୩ ଦିନିଆ ରିମାଣ୍ଡରେ ନେଇଛି। ରିମାଣ୍ଡ ଆବେଦନକୁ ସ୍ଥାନୀୟ ଅଦାଲତ ମଞ୍ଜୁର କରିବା ପରେ ମଙ୍ଗଳବାର ରିମାଣ୍ଡର ପ୍ରଥମ ଦିନରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ରିମାଣ୍ଡ ସମୟରେ ପୁଲିସ ଝିଲିଙ୍କୁ ନେଇ ତାଙ୍କ ବାସଭବନରେ ଛାନଭିନ୍ କରିଥିଲା । ଏହି ସମୟରେ ମାମଲା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରାଯିବା ସହ ଅଧିକ ତଥ୍ୟ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଉଚ୍ଚହାରରେ ସୁଧ ଦେବାର ପ୍ରଲୋଭନ ଦେଖାଇ ଝିଲି ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୧ କୋଟି ୩୭ ଲକ୍ଷ ଟଙ୍କା ସଂଗ୍ରହ କରି ଠକେଇ କରିଥିଲେ । ଏହି ଘଟଣାକୁ ଟଣାକୁ ନେଇ ତାଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା ୩ଟି ମାମଲା ରୁଜୁ ହୋଇଥିବା ବେଳେ, ୨୫ ଜଣ ମହିଳା ନିଜେ ଠକେଇର ଶିକାର ହୋଇଥିବା ନେଇ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ତଦନ୍ତର ପରବର୍ତ୍ତୀ ପର୍ଯ୍ୟାୟରେ ପାରଳାଖେମୁଣ୍ଡି ମୁଥୁଟ ଫାଇନାନ୍ସରେ ବିଭିନ୍ନ ନାମରେ ଥିବା ୨୨ଟି ଆକାଉଣ୍ଟ, ଇଣ୍ଡିଆନ ବ୍ୟାଙ୍କ ଆକାଉଣ୍ଟ ସମେତ ଅନ୍ୟାନ ଆର୍ଥିକ କାରବାରର ଖୋଳତାଡ଼ କରିବାକୁ ପୁଲିସ ଯୋଜନା କରିଛି।

# ପାହାଡ଼ରୁ ଉଲଗ୍ନ ଓ କ୍ଷତବିକ୍ଷତ ଅବସ୍ଥାରେ ଯୁବତୀ ଉଦ୍ଧାର

ପାରଳାଖେମୁଣ୍ଡି, ୧୫ ।୭ (ନିପ୍ର): ଗଜପତି ଜିଲ୍ଲାରେ ମଙ୍ଗଳବାର ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ରା. ଉଦୟଗିରି ଥାନା ଅନ୍ତର୍ଗତ ଅନ୍ତରଡା ନିକଟସ୍ଥ ପାହାଡ଼ିଆ ଜଙ୍ଗଲରୁ ଜଣେ ମହିଳାଙ୍କୁ ଉଲଗ୍ନ ଓ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଆହତ ମହିଳା ଜଣକ ଅଡବା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଆହତ ମହିଳାଙ୍କ ଅଭିଯୋଗ ଅନୁଯାୟୀ, ରା. ଉଦୟଗିରି ଅଞ୍ଚଳର ରାହୁଲ ନାମକ ଜଣେ ଯୁବକଙ୍କ ପ୍ରରୋଚନାରେ ସେ ରା. ଉଦୟଗିରି ଥାନା ଅନ୍ତର୍ଗତ ଅନ୍ତରଡା ପଞ୍ଚାୟତ ଡାଗଡପୁର ଗ୍ରାମ ନିକଟ ପାହାଡ଼କୁ ଯାଇଥିଲେ। ସେଠାରେ ତାଙ୍କୁ ନିଛାଟିଆ ଜଙ୍ଗଲକୁ ନେଇ ଦୁଷ୍କର୍ମ ଉଦ୍ୟମ କରାଯିବା ସହ ଛୁରିରେ ଆକ୍ରମଣ କରିଥିଲା ପରେ ପଥରରେ ଛେଚି ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିଲା ସ୍ଥାନୀୟ ଗ୍ରାମବାସୀ ଗୁରୁତର ଆହତ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ପ୍ରଥମେ ଖଜୁରିପଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଗୁଆନ କାଠ ଜବତ, ୩ ଗିରଫ

ପାରଳାଖେମୁଣ୍ଡି, ୧୫ ।୭ (ନିପ୍ର); ଗଜପତି ଜିଲ୍ଲାରୁ ଗଞ୍ଜାମକୁ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ସାଗୁଆନ କାଠକୁ ଧରିବାରେ ସଫଳ ହୋଇଛି ବନ ବିଭାଗ। ରାମଗିରି ରେଞ୍ଜ ଅନ୍ତର୍ଗତ ହରିଦାବାଡ଼ା ଛକ ନିକଟ ସିଆଳିଲାଟି ଗ୍ରାମପଞ୍ଚାୟତର ପୋଇପାଣି ବିଟ୍ ଅଞ୍ଚଳରେ ବିଳମ୍ବିତ ରାତିରେ ଚଢ଼ାଉ କରି ୧୪ ଖଣ୍ଡ ସାଗୁଆନ କାଠ, ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ମୋଟରସାଇକେଲ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ପ୍ରକାରେ ପୋଇପାଣି ବିଟ୍ ଦେଇ ବେଆଇନ ସାଗୁଆନ କାଠ ଚୋରାଚାଲାଣ ହେଉଥିବା ନେଇ ନିର୍ଭରଯୋଗ୍ୟ ସୂଚନା ମିଳିବା ପରେ ମହେନ୍ଦ୍ରଗଡ଼ ସେକ୍ସନର ଫରେଷ୍ଟର ମୋଜେଶ ସବରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଛକି ରହିଥିଲା। କାଠ ବୋଝେଇ ଯାଉଥିବା ଟ୍ରାକ୍ଟର (ନଂ ଓଡ଼-୦୭ଇଇ-୮୩୫୦)କୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରୁ ୧୪ ଖଣ୍ଡ ସାଗୁଆନ କାଠ ଜବତ କରାଯାଇଥିଲା। ଏହି ଟ୍ରାକ୍ଟରକୁ ଏସ୍କର୍ଟ କରୁଥିବା ହୋଣ୍ଡା ମୋଟରସାଇକେଲ (ନଂ ଓଡ଼ି-୦୭ଏଜେ -୩୯୨୫)କୁ ମଧ୍ୟ ବନ ବିଭାଗ ଜବତ କରିଛି। ଜବତ ସାଗୁଆନ କାଠର ଆନୁମାନିକ ବଜାର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଘଟଣାସ୍ଥଳରୁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ସୀମାଞ୍ଚଳ ପାତ୍ର (୫୭), ନାରାୟଣ ସେଠୀ (୨୫) ଏବଂ କାମନା ପାତ୍ର (୨୨)ଙ୍କୁ କାବୁ କରାଯାଇଥିଲା। ପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ବନ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ଜବତ କାଠର ପ୍ରକୃତ ଉତ୍ସ ଏବଂ ଏହି ଚୋରାଚାଲାଣ ରାକେଟରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି।



# ବିଜେଡି ପକ୍ଷରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'

ଭବାନୀପାଟଣା, ୧୫ ।୭(ନିପ୍ର): ଜାତୀୟ ଶିକ୍ଷା ନୀତି ଅନୁସାରେ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ରହିଛି। ଫଳରେ ରାଜ୍ୟର ପ୍ରାକ୍ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାକୁ ବସିଲାଣି। ଏଥିପାଇଁ ବିଜେପି ସରକାରକୁ ସମ୍ପୂର୍ଣ୍ଣ ଦାୟୀ କରିବା ସହ ତ୍ରୁଟି ପୂର୍ଣ୍ଣ ପୁସ୍ତକକୁ ବିରୋଧ କରି ଯୁବ ଓ ଛାତ୍ର ବିଜେଡି ପକ୍ଷରୁ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ' କାର୍ଯ୍ୟକ୍ରମ ସାରା ରାଜ୍ୟରେ ହାତକୁ ନିଆଯାଇଛି।

ଏହି କ୍ରମରେ ଆଜି କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହସ୍ପିଟାଲ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ଶୋଭାଯାତ୍ରାରେ ହଜାରେରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆସି ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ କରିବା ସହ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ଓ କୋକେଇ ଯାତ୍ରା କରି ନିଆରା ପ୍ରତିବାଦ କରା। ଏହା ସହିତ ତ୍ରୁଟି ପୂର୍ଣ୍ଣ ପୁସ୍ତକକୁ ପ୍ରତ୍ୟାହାର କରି ନୂତନ ପାଠ୍ୟ ପୁସ୍ତକ ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି ଯେ, ପିଲାଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ରହିବା ସହ ଏଥିରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି । ବର୍ତ୍ତମାନ ପିଲାଙ୍କ ପାଖରେ ବହି ନଥିବାରୁ ପାଠପଢ଼ାରେ ବ୍ୟାଘାତ ଘଟୁଛି । ଆଉ ଏଥିପାଇଁ ଗଣଶିକ୍ଷା ବିଭାଗ ଏବଂ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ । ଏଣୁ ଜାତୀୟ ଶିକ୍ଷା ନୀତି ଲାଗୁ ନ କରି ପୁରୁଣା ପାଠ୍ୟକ୍ରମ ଅନୁସାରେ ପିଲାଙ୍କୁ ଶୀଘ୍ର ନୂତନ ପୁସ୍ତକ ପ୍ରଦାନ କରିବାକୁ ଯୁବ ଓ ଛାତ୍ର ବିଜେଡି ଦାବି କରିଛି। ସୂଚନାଯୋଗ୍ୟ ଯେ, ତ୍ରୁଟି ପୂର୍ଣ୍ଣ ବହିରେ କଳାହାଣ୍ଡି ଜିଲ୍ଲାର ନିୟମଗିରିକୁ ଝାରଖଣ୍ଡର ବୋଲି ବହିରେ




ଉଲ୍ଲେଖ ଅଛି। ସେହିଭଳି ଆଇଜାକ ନ୍ୟୁଟନଙ୍କୁ ପାଇଲଟ, କୋଣାର୍କ ସୂର୍ଯ୍ୟ ମନ୍ଦିରର ଭୁଲ ଫଟୋଚିତ୍ର ଭଳି ମାଳମାଳ ତଥ୍ୟଗତ ଓ ବର୍ଣ୍ଣନା ତ୍ରୁଟି ସାମନାକୁ ଆସିବା ପରେ ରାଜ୍ୟରେ ତୁମ୍ବିତୋଫାନ ଉଠିଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ କଳାହାଣ୍ଡି ଯୁବ ଓ ଛାତ୍ର ବିଜେଡି ସିବିଆଇକୁ ହସ୍ତାନ୍ତର ପାଇଁ ଦାବି କରିଛି ।୨/୩ ମାସ ପରେ ପିଲାଙ୍କ ପରୀକ୍ଷା ଅଛି କିନ୍ତୁ ବିଜେପି ସରକାର ଏଥିପାଇଁ ଯତ୍ନଶୀଳ ନ ହୋଇ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ।

ପାଠ୍ୟପୁସ୍ତକ ଗୁଣାବତ୍ତା ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ କୌଣସି ସାଲିସ ବରଦାସ୍ତ କରାଯିବ ନାହିଁ ବୋଲି ବିଜେଡି ନେତୃମଣ୍ଡଳୀ ନିଜ ଭାଷଣରେ କହିଥିଲେ।

ପରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରଦାନ କରାଯାଇଛି । ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେଥିରେ ଦାବି ରହିଛି। ଯୁବ ବିଜେଡି ସଭାପତି ଅବିନାଶ ଠାକୁର ଏବଂ ଛାତ୍ର ବିଜେଡି ସଭାପତି ଆଜିତ ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନର୍ଲା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନଗରପାଳ ବିଷ୍ଣୁ ପ୍ରଧାନ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ହୋତା, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ରାଜ୍ୟ ଉପ ସଭାପତି ସିଲ୍ପା ପାଣି , ରାଜ୍ୟ ବିଜେଡି ସମ୍ପାଦକ ଆଦିତ୍ୟ ନନ୍ଦ, ମହିଳା ଜୋନ ସଭାନେତ୍ରୀ ଲଳିତା ନାଏକ, ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଧିରା ମେହେର, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ମହାନ୍ତି, ଟିକେଲାଲ ସାହୁ, ପୂର୍ବତନ ପୌରାଧ୍ୟକ୍ଷ ସଂଯୁକ୍ତା ବେହେରା, ବିଜେଡି ନେତା ପ୍ରଶାନ୍ତ ନାଏକ, ସାମନ୍ତ ଖମାରୀ , ବଦ୍ରିନାରାୟଣ ପଟ୍ଟନାୟକ, ପରମାନନ୍ଦ ମାଝୀ, ଛାତ୍ର ରାଜ୍ୟ ବରିଷ୍ଠ ଉପସଭାପତି ଚିରାଗ ସିଂହଦେଓ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ନିଳାମ୍ବର ସାହୁ, ଭବାନୀପାଟଣାର ସମସ୍ତ କାଉନସିଲର ଏବଂ ସାରା ଜିଲ୍ଲାର ଯୁବ ଛାତ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାତିସଂଘରେ ଆମେରିକା- ଚୀନ୍ ମୁହାଁମୁହିଁ



ନୂଆଦିଲ୍ଲୀ, ୧୫।୭: ଇରାନ ଯୁଦ୍ଧକୁ ନେଇ ଜାତିସଂଘରେ ଆମେରିକା ଏବଂ ଚୀନ୍ ମୁହାଁମୁହିଁ ହୋଇଛନ୍ତି। ଆମେରିକର ରାଷ୍ଟ୍ରଦୂତ ମାଇକ୍ ୱାଲ୍ଜ ଅଭିଯୋଗ କରିଛନ୍ତି ଯେ, ଚୀନ୍ ଇରାନ ଏବଂ ୟେମେନର ହୁତି ବିଦ୍ରୋହୀଙ୍କୁ ସାମରିକ ସାମଗ୍ରୀ ଯୋଗାଣ ବନ୍ଦ କରିବା ପାଇଁ ଯଥେଷ୍ଟ ପଦକ୍ଷେପ ନେଉନାହିଁ। ଜାତିସଂଘ ସୁରକ୍ଷା ପରିଷଦରେ ଭାଷଣ ଦେଇ ୱାଲ୍ଜ କହିଛନ୍ତି ଯେ, କିଛି ଇରାନୀ ଏବଂ ଚୀନ୍ କମ୍ପାନି ହୁତି ବିଦ୍ରୋହୀଙ୍କ ଉପରେ ଲାଗୁ ହୋଇଥିବା ଜାତିସଂଘ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ପ୍ରସ୍ତାବକୁ ଉଲ୍ଲଂଘନ କରୁଛନ୍ତି, କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କ ବିରୋଧରେ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।ଜାତିସଂଘରେ ଚୀନର ରାଷ୍ଟ୍ରଦୂତ ସନ୍ ଲେଇ ଇରାନ ଉପରେ ଏକ ବଡ଼ ସାମରିକ ଆକ୍ରମଣ କରି ଆମେରିକା ସମଗ୍ର ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିଛି ବୋଲି ଅଭିଯୋଗ କରିଛନ୍ତି।

## ଅଧିକ ଟଙ୍କା ଦିଅ, ଖାଲି ପେଟ୍ରୋଲ ନିଅ: ଗଡ଼କରୀ

ନୂଆଦିଲ୍ଲୀ, ୧୫।୭: ଦେଶରେ ବିକ୍ରି ହେଉଥିବା ୨୦ ପ୍ରତିଶତ ଇଥାନଲ ମିଶା ପେଟ୍ରୋଲ ଇ୨୦କୁ ବ୍ୟାପକ ବିରୋଧ କରାଯାଉଥିବା ଭଳି ଏକ ଗମ୍ଭୀର ସମୟରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି ଯେ ଯେଉଁମାନେ ଇଥାନଲ ମିଶା ପେଟ୍ରୋଲ କିଣିବାକୁ ଚାହୁଁନାହାନ୍ତି ସେମାନେ ବିଶୁଦ୍ଧ ପେଟ୍ରୋଲ କିଣିପାରିବେ। କିନ୍ତୁ ସେଥିପାଇଁ ସେମାନଙ୍କୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ। 'ଟାଇମ୍ସ ଅଫ୍ ଇଣ୍ଡିଆ' ସହ ଏକ ସାକ୍ଷାତକାରରେ ଗଡ଼କରୀ ଇ୨୦ ପେଟ୍ରୋଲର ଗଡ଼ି ଇଞ୍ଜିନ ଉପରେ ପଡୁଥିବା ପ୍ରଭାବକୁ ଖଣ୍ଡନ କରିଛନ୍ତି। ଏହି ତେଲକୁ ନେଇ ସରକାରଙ୍କ ପାଖରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ପହଞ୍ଚିନଥିବା ସେ କହିଛନ୍ତି।

## ଟିଏମ୍ସି ଛାଡି ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହେଲେ ମଦନ ମିତ୍ର

କୋଲକାତା, ୧୫।୭: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଲାଗିଛି ଆଉ ଏକ ବଡ଼ ଝଟକା। ତୃଣମୂଳ କଂଗ୍ରେସ ସୁପ୍ରିମୋଙ୍କ ଘନିଷ୍ଠ କୁହାଯାଉଥିବା କାମରହାଟିର ବରିଷ୍ଠ ବିଧାୟକ ମଦନ ମିତ୍ରଙ୍କ ଏବେ ମମତାଙ୍କୁ ଛାଡି ବିଦ୍ରୋହୀ ବିଧାୟକଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ବଙ୍ଗଳା ରାଜନୀତିରେ ଗତ କିଛି ସମୟ ଧରି ଏହି କଥାକୁ ନେଇ ସରଗରମ ଥିଲା, କାରଣ ମଦନ ମିତ୍ର ମଧ୍ୟ 'ମମତା ଦିଦି' ସାଥ୍ ଛାଡି ଦେବେ। ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ରୋହୀ ଗୋଷ୍ଠୀର ନେତାଙ୍କ ସହିତ ହୋଇଥିବା ବୈଠକ ପରେ ଏବେ ଏହି ସୂଚନା ସାମନାକୁ ଆସିଛି ଯେ, ମଦନ ମିତ୍ର ମଧ୍ୟ ଏବେ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇସାରିଛନ୍ତି।

## ସୋନମ ୱାଙ୍ଗଚୁକଙ୍କ ଅନଶନକୁ ନେଇ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ଜବାବ ମାଗିଲେ ଦିଲ୍ଲୀ ହାଇକୋର୍ଟ



ନୂଆଦିଲ୍ଲୀ, ୧୫।୭: ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନକୁ ନେଇ ଦାଖଲ ହୋଇଥିବା ଏକ ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଓ ଦିଲ୍ଲୀ ପୁଲିସଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନରେ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟରେ ଦ୍ରୁତ ଅବନତି ଘଟୁଥିବା ଦର୍ଶାଇ ତାଙ୍କୁ ଆବଶ୍ୟକ ଚିକିତ୍ସା ଓ ସୁରକ୍ଷା ଯୋଗାଇବା ସହ ତାଙ୍କ ଅନଶନ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପାଇଁ ଅଦାଲତଙ୍କୁ ଅନୁରୋଧ କରାଯାଇଛି। ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୱାଙ୍ଗଚୁକଙ୍କ ଅନଶନ ଦୀର୍ଘ ଦିନ ଧରି ଚାଲିଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଚିନ୍ତାଜନକ ହୋଇପଡ଼ିଛି। ଏପରି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ନିୟମିତ ନଜର ରଖିବା ଏବଂ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇବା ଦରକାର ବୋଲି ଯୁକ୍ତି ରଖାଯାଇଥିଲା। ଏହା ପରେ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଓ ଦିଲ୍ଲୀ ପୁଲିସକୁ ନୋଟିସ୍ ଜାରି କରି ସେମାନଙ୍କ ଅଭିମତ ଦାଖଲ କରିବାକୁ କହିଛନ୍ତି। ଅଦାଲତ କହିଛନ୍ତି, ମାମଲାରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ଉପରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଜବାବ ଆବଶ୍ୟକ।

## ଇରାନ-ଆମେରିକା ସଂଘର୍ଷରେ ଗଲା ଆଉ ଜଣେ ଭାରତୀୟଙ୍କ ଜୀବନ

ନୂଆଦିଲ୍ଲୀ, ୧୫।୭: ଓମାନ ଉପକୂଳରେ ଇରାନ ଆକ୍ରମଣରେ ପ୍ରାଣ ହରାଇଛନ୍ତି ଭାରତୀୟ ମେରାଇନ୍ ଇଞ୍ଜିନିୟର ହେରମ୍ବ କର୍ମାକର । ସାଇପ୍ରସ୍ ପତାକା ଥିବା ଏକ ଜାହାଜରେ ସେ ଆସୁଥିବା ବେଳେ ଇରାନ ଏୟାରଷ୍ଟ୍ରାଇକ୍ କରିଥିଲା । ଏଥିରେ ଜାହାଜଟି ଧ୍ୱଂସ ହୋଇଯାଇଥିଲା । ଯେଉଁଥିରେ ହେରମ୍ବଙ୍କ ଜୀବନ ଯାଇଛି । ତେବେ ତାଙ୍କୁ କିଛି ଅଘଟଣ ଘଟିବା ନେଇ ପୂର୍ବରୁ ଆଭାସ ମିଳିସାରିଥିଲା । ଷ୍ଟ୍ରେଟ୍ ଅଫ୍ ହର୍ମୋଜ୍ ଅତିକ୍ରମ ବେଳେ ସେ ଚିନ୍ତିତ ହୋଇ ପଡିଥିଲେ । କିନ୍ତୁ ଘରକୁ ସେ ସୁରକ୍ଷିତ ଭାବେ ଗଲଫ୍ ଅତିକ୍ରମ କରିଥିବା ନେଇ ମେସେଜ୍ କରିଥିଲେ । ଏନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ୩୦ ବର୍ଷୀୟ ହେରମ୍ବଙ୍କ ଘର ହେଉଛି ମହାରାଷ୍ଟ୍ରର ପୁନେରେ । ସେ ମେରାଇନ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ଜିଏଫଏକ୍ସ ଗ୍ୟାଲେକ୍ସିରେ ଆକ୍ରମଣ ପରେ ଅନ୍ୟ ଭାରତୀୟଙ୍କ ସହ ସେ ମଧ୍ୟ ନିଖୋଜ ହୋଇଯାଇଥିଲେ । ଷ୍ଟ୍ରେଟ୍ ଅଫ୍ ହର୍ମୋଜରେ ଥିବା ଓମାନ ଉପକୂଳରେ ଏହି ଅଘଟଣ ଘଟିଥିଲା ।

## ବାଗେଶ୍ୱର ଧାମ ମୁଖ୍ୟ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ଭାଇ ଗିରଫ

ନୂଆଦିଲ୍ଲୀ, ୧୫।୭: ବାଗେଶ୍ୱର ଧାମ ମୁଖ୍ୟ ପୁରୋହିତ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ଭାଇ ଶାଳିଗ୍ରାମ ଗର୍ଗ ଗିରଫ ହୋଇଛନ୍ତି। ଛତ୍ରପୁର ଜିଲ୍ଲାରେ ଏକ ଜମି ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଉପରକୁ ଗୁଳି ଚଳାଇବା ଓ ମାଡ଼ ମାରିବା ଅଭିଯୋଗରେ ଧୀରେନ୍ଦ୍ରଙ୍କ ଭାଇ ଓ ଅନ୍ୟ ଜଣେ ବୁଧବାର ଗିରଫ ହୋଇଛନ୍ତି। ହତ୍ୟା ଉଦ୍ୟମ ନେଇ ଗର୍ଗ ଓ ତାଙ୍କର ୩ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## କେନ୍ଦ୍ର କ୍ୟାବିନେଟର ୭ ବଡ଼ ନିଷ୍ପତ୍ତି

# ୨.୧୯ ଲକ୍ଷ କୋଟିର ପ୍ରସ୍ତାବ ମଞ୍ଜୁର

ନୂଆଦିଲ୍ଲୀ, ୧୫।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୭ଟି ବଡ଼ ନିଷ୍ପତ୍ତି ନିଆଯାଇଛି। ଏଥିମଧ୍ୟରୁ ଦେଶରେ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ସେମିକନ ୨.୦ ମିଶନକୁ ସରକାର ମଞ୍ଜୁରୀ ଦେଇଛନ୍ତି। ଏହା ସହିତ ଉତ୍ତର ପ୍ରଦେଶର ବାରାଣସୀ ସହରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଦୁଇଟି ବଡ଼ ଏଲିଭେଟେଡ କରିଡର ନିର୍ମାଣ କରିବାକୁ କ୍ୟାବିନେଟ ଅନୁମୋଦନ କରିଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, "ଆଜି ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ବିକାଶ ପାଇଁ ଦୁଇଟି ବଡ଼ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।" ସେ କହିଛନ୍ତି, ପ୍ରଥମଟି ହେଉଛି ବରୁଣା ନଦୀ କୂଳରେ ନିର୍ମାଣ ହେବାକୁ ଥିବା ସମ୍ପୂର୍ଣ୍ଣ ୬-ଲେନ ଏବଂ ୪-ଲେନ ବିଶିଷ୍ଟ ଏଲିଭେଟେଡ କରିଡର ବରୁଣ ଏକ୍ସପ୍ରେସୱେ। କ୍ୟାବିନେଟ୍ କମିଟି ବୈଠକରେ ୨,୧୯,୩୫୩ କୋଟି ଟଙ୍କାର ପ୍ରସ୍ତାବ ମଞ୍ଜୁର ହୋଇଥିଲା। ସେମିକନ୍ ୨.୦ ପାଇଁ ୧,୨୭,୫୦୦ କୋଟି ଟଙ୍କା, ମୋବାଇଲ୍ ଫୋନ୍ ବିନିର୍ମାଣ ଯୋଜନା ପାଇଁ ୬୨,୫୦୦ କୋଟି ଟଙ୍କା ଓ ପାରାଦୀପ-ହରିଦାସପୁର ରେଳପଥର ଦୋହରୀକରଣ ପାଇଁ ୧,୩୬୫ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି।ସେମିକନ୍ ୨.୦ ଯୋଜନା ଭାରତର ସେମିକଣ୍ଡକ୍ଟର ଡିଜାଇନ ଓ ବିନିର୍ମାଣ ପରିସଂସ୍ଥାକୁ ସୁଦୃଢ଼ କରିବ। ଏହାର ଥିବା ଛଅଟି ସ୍ତମ୍ଭ ହେଉଛି ଡିଜାଇନ, ମେସିନ୍ ଓ କଞ୍ଚାମାଲ, ଫ୍ୟାବ୍ ୟୁନିଟ୍ ସ୍ଥାପନ, ଏଟିଏମ୍ପି/ଓଏସ୍ଏଟି ଶିଳ୍ପର ସୁଦୃଢ଼ୀକରଣ, ଗବେଷଣା ଓ ବିକାଶ ଏବଂ ପ୍ରତିଭା ବିକାଶ। ଆଜିର ବୈଠକରେ ୟୁରିଆ ପାଇଁ ଜାତୀୟ ନିବେଶ ନୀତି ୨୦୨୬ ମଧ୍ୟ ମଞ୍ଜୁର ହୋଇଥିଲା। ଏହା ଅଧୀନରେ ଗ୍ୟାସ୍ ଆଧାରିତ ନୂଆ ୟୁରିଆ



କାରଖାନା ସ୍ଥାପନକୁ ଉତ୍ସାହିତ କରାଯିବ। ୨୦୧୨ର ନୀତି ତୁଳନାରେ ଏଥିରେ କେତେକ ପରିବର୍ତ୍ତନ କରାଯାଇଛି। ଏହି ୪୩ କିଲୋମିଟର ଲମ୍ବର ଏଲିଭେଟେଡ କରିଡର ନିର୍ମାଣ କରାଯିବ। ଏଥିରେ ୧୦,୯୯୮ କୋଟି ଟଙ୍କା ବିନିଯୋଗ ହେବ, ଏହାକୁ ହାଇବ୍ରିଡ ଆନୁଇଟି ମଡେଲ ଅଧୀନରେ ବିକଶିତ କରାଯିବ ଏବଂ ପ୍ରାୟ ଚାରି ବର୍ଷ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି।" "ଦ୍ୱିତୀୟ କରିଡର ବିଷୟରେ ସେ ସୂଚନା ଦେଇ କହିଛନ୍ତି ଯେ, କାଶୀରେ ଗଙ୍ଗା ନଦୀ କୂଳେ କୂଳେ ଏକ ସମ୍ପୂର୍ଣ୍ଣ ୬-ଲେନ ବିଶିଷ୍ଟ ଏଲିଭେଟେଡ କରିଡର ନିର୍ମାଣ କରାଯିବ। ଯାହା ଏଠାରୁ ଆରମ୍ଭ ହୋଇ ନଦୀ କୂଳେ କୂଳେ, ଲଙ୍କା ଚୌକ ଓ ରାମନଗର ଆଡ଼କୁ ଯାଇ ଏକ 'ସିଗ୍ନେଚର ବ୍ରିଜ' ନିର୍ମାଣ କରାଯିବ। ଗଙ୍ଗା ନଦୀ କୂଳରେ ନିର୍ମାଣ ହେବାକୁ ଥିବା ଏହି ଏଲିଭେଟେଡ କରିଡର ୪୬ କିଲୋମିଟର ଲମ୍ବ ହେବ ଏବଂ ଏହାକୁ ୧୪,୪ ୪୮ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ କରାଯିବ। ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଭାରତର ସେମିକଣ୍ଡକ୍ଟର ଡିଜାଇନ ଏବଂ ମାନୁଫ୍ୟାକ୍ଚରିଂ ଇକୋସିଷ୍ଟମର ବିକାଶ ପାଇଁ 'ସେମିକନ ୨.୦' ମିଶନକୁ ମଞ୍ଜୁରୀ ଦେଇଛି। ଏହାର ମୋଟ ବଜେଟ ୧,୨୭,୫୦୦ କୋଟି ଟଙ୍କା ରହିଛି।"

## ସିବିଏସ୍ଇ ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା: 'ସୁପ୍ରିମ' ଉଦ୍‌ବେଗ

### ମୂଲ୍ୟାଙ୍କନ ବ୍ୟବସ୍ଥାରେ କିଛି ସମସ୍ୟାର ସଙ୍କେତ



ନୂଆଦିଲ୍ଲୀ, ୧୫।୭: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସଇ)ରେ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ୍) ବ୍ୟବସ୍ଥା ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବାରୁ ବୁଧବାର ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଶୁଣାଣି ସମୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଥିଲେ, "ଦେଖନ୍ତୁ, ଏହି ଛୋଟ ପିଲାମାନେ କେତେ ହତାଶ।"କୋର୍ଟ କହିଛନ୍ତି ଯେ ସରକାରଙ୍କ ସହ କୌଣସି ମୁକାବିଲା କରିବା ଏହାର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ବର୍ତ୍ତମାନର ମୂଲ୍ୟାଙ୍କନ ବ୍ୟବସ୍ଥାରେ କିଛି ସମସ୍ୟା ରହିଥିବାର ସଙ୍କେତ ମିଳୁଛି। ତେବେ ବର୍ତ୍ତମାନର ଅନ୍-ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥାରେ କିଛି ତ୍ରୁଟି ଥିବା ଅଭିଯୋଗକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଏହି ପ୍ରସଙ୍ଗରେ ସିବିଏସଇ ପକ୍ଷରୁ କେଉଁ ପଦକ୍ଷେପ ନିଆଯାଇଛି ସେନେଇ ସୂଚନା ତଲବ କରାଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଉଲ୍ଲେଖଯୋଗ୍ୟ, ସିବିଏସଇର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ୍) ବ୍ୟବସ୍ଥାରେ ପରୀକ୍ଷାର ଉତ୍ତରଖାତାଗୁଡ଼ିକୁ ସ୍କାନ୍ କରି ଡିଜିଟାଲ୍ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଏ। ଏଥିରେ ଶିକ୍ଷକମାନେ ପାରମ୍ପରିକ କାଗଜ ଉତ୍ତରଖାତା ପରିବର୍ତ୍ତେ କମ୍ପ୍ୟୁଟର ସ୍କ୍ରିନରେ ଉତ୍ତରପତ୍ର ଯାଞ୍ଚ କରି ମାର୍କ ପ୍ରଦାନ କରନ୍ତି। ଏହି ବ୍ୟବସ୍ଥାକୁ ନେଇ ଉଠିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଏହି ପ୍ରସଙ୍ଗ ପୁଣି ଚର୍ଚ୍ଚାକୁ ଆସିଛି।

## ସଂଶୋଧନ ମାଧ୍ୟମରେ ସମ୍ପତ୍ତିର ବିକ୍ରୟ ଦଲିଲ ବଦଳାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୫।୭: ସମ୍ପତ୍ତି କାରବାର ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସଂଶୋଧନ ଦଲିଲ କେବଳ ଲିଖନ ତ୍ରୁଟି କିମ୍ବା ପାରସ୍ପରିକ ଭୁଲକୁ ସୁଧାରିବା ପାଇଁ ବ୍ୟବହାର ହୋଇପାରିବ। ଏହା ମାଧ୍ୟମରେ ମୂଳ ମାଲିକଙ୍କ ସମ୍ମତି ବିନା ସମ୍ପତ୍ତିର ପରିଚୟ, ସୀମା, ସ୍ଥାନ କିମ୍ବା ମୌଳିକ ବିବରଣୀ ବଦଳାଯାଇପାରିବ ନାହିଁ। ଅଦାଲତ ଏହା ମଧ୍ୟ କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ ପାଖରେ ଯେଉଁ ଅଧିକାର ନାହିଁ, ସେ ଅନ୍ୟକୁ ତାହା ହସ୍ତାନ୍ତର କରିପାରିବେ ନାହିଁ। ଏହାକୁ ଆଇନରେ 'ନେମୋ ଡାଟ୍ କ୍ୱିଡ୍ ନନ୍ ହାବେଟ୍' ନୀତି ବୋଲି କୁହାଯାଏ। ଏହି ମାମଲାରେ ଏକ ସମ୍ପତ୍ତିର ବିକ୍ରୟ ଦଲିଲ (ସେଲ ଡିଡ୍) ପରେ ସଂଶୋଧନ ଦଲିଲ କରାଯାଇଥିଲା। କିନ୍ତୁ ଏହି ସଂଶୋଧନ ଦଲିଲରେ ସମ୍ପତ୍ତିର ସୀମା, ପରିମାପ ଓ ପରିଚୟରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଥିଲା। ଜଷ୍ଟିସ ଦୀପଙ୍କର ଦତ୍ତ ଓ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି, ଏପରି ପରିବର୍ତ୍ତନ କେବଳ ଭୁଲ ସୁଧାରିବା ନୁହେଁ, ବରଂ ଏକ ନୂଆ ସମ୍ପତ୍ତିର ପରିଚୟ ସୃଷ୍ଟି କରିବା ସହ ସମାନ। ତେଣୁ ଏଭଳି ସଂଶୋଧନ ଦଲିଲକୁ ଆଇନଗତ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି, ସଂଶୋଧନ ଦଲିଲର ଉଦ୍ଦେଶ୍ୟ କେବଳ ଟାଇପ୍ ତ୍ରୁଟି, ଲେଖାର ଭୁଲ କିମ୍ବା ଉଭୟ ପକ୍ଷର ଅଜାଣତରେ ହୋଇଥିବା ତ୍ରୁଟିକୁ ଠିକ୍ କରିବା। ଏହାକୁ ଆଧାର କରି ସମ୍ପତ୍ତିର ଅବସ୍ଥିତି, ସୀମା କିମ୍ବା ମାଲିକାନାରେ ପରିବର୍ତ୍ତନ ଆଣିହେବ ନାହିଁ। ଯଦି ସଂଶୋଧନ ଦଲିଲ ମୂଳ ଦଲିଲର ସ୍ୱରୂପକୁ ବଦଳାଇ ଦିଏ, ତେବେ ତାହାର କୌଣସି ଆଇନଗତ ମୂଲ୍ୟ ରହିବ ନାହିଁ।

## ନେତାନ୍ୟାହୁଙ୍କ ଉପରେ ଚାପ ପକାଇଲେ ଟ୍ରମ୍ପ

### ସିରିଆ ଏବଂ ଲେବାନନରୁ ତୁରନ୍ତ ସୈନ୍ୟ ପ୍ରତ୍ୟାହାର କରିବାକୁ ଦେଲେ ପରାମର୍ଶ



ୱାସିଂଟନ/ଜେରୁସାଲେମ, ୧୫।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫୋନ୍ ମାଧ୍ୟମରେ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଚାପ ପକାଇବା ସହିତ ଏକ କଠୋର ପରାମର୍ଶ ଦେଇଛନ୍ତି। ଟ୍ରମ୍ପ ସ୍ପଷ୍ଟ ଭାବରେ ସିରିଆ ଏବଂ ଲେବାନନରୁ ତୁରନ୍ତ ସୈନ୍ୟ ପ୍ରତ୍ୟାହାର କରିବାକୁ କହିଛନ୍ତି। ଟ୍ରମ୍ପଙ୍କ ଅନୁସାରେ ଏହି ଅଞ୍ଚଳଗୁଡ଼ିକରେ ଇସ୍ରାଏଲୀ ସୈନ୍ୟଙ୍କ ନିରନ୍ତର ଉପସ୍ଥିତି ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି କରୁଛି। ଦୁଇ ଦେଶ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଫୋନ୍ କଲ୍ ପରେ, କୂଟନୈତିକ ମହଲରେ ହଠାତ୍ ଉଷ୍ମତା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଇସ୍ରାଏଲ ସରକାର ଏହି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସାମରିକ ଉପସ୍ଥିତି ବଜାୟ ରଖିବା ପାଇଁ ସୁରକ୍ଷା ଚିନ୍ତାକୁ ଅତ୍ୟାବଶ୍ୟକ ବୋଲି ଦର୍ଶାଇଛନ୍ତି। ଆମେରିକା ଏବଂ ଇସ୍ରାଏଲ ପୂର୍ବରୁ ଫେବ୍ରୁଆରିରେ ଇରାନ ବିରୋଧରେ ଏକ ବଡ଼ ସାମରିକ ଆକ୍ରମଣ ଆରମ୍ଭ କରିଥିଲେ। ତେବେ ଇସ୍ରାଏଲର ଧ୍ୟାନ ପରବର୍ତ୍ତୀ ସମୟରେ ସିରିଆ ଏବଂ ଲେବାନନ୍ ସହରଗୁଡ଼ିକ ଉପରେ ବଡ଼ ଆକ୍ରମଣ କରିବା ଉପରେ କେନ୍ଦ୍ରିତ ଥିଲା। ଏବେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଇସ୍ରାଏଲକୁ ସେଠାରୁ ନିଜର ସେନା ପ୍ରତ୍ୟାହାର ଆରମ୍ଭ କରିବାକୁ ପଡିବ। ଟ୍ରମ୍ପ ଏବଂ ସିରିଆ ରାଷ୍ଟ୍ରପତି ଅହମଦ ଅଲ-ଶାରାଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ପ୍ରତି ସଫଳତାର ସହ ଅନୁଷ୍ଠିତ ହୋଇଛି। ଟ୍ରମ୍ପ ପ୍ରଶାସନ ଇସ୍ରାଏଲ ଏବଂ ସିରିଆ ମଧ୍ୟରେ ଏକ ନୂତନ ସୁରକ୍ଷା ଚୁକ୍ତିନାମା ପାଇଁ ଗତ କିଛି ମାସ ଧରି ପ୍ରୟାସ କରିଆସୁଛି। ଆମେରିକୀୟ ଅଧିକାରୀମାନେ ସ୍ପଷ୍ଟ ଭାବରେ କହିଛନ୍ତି, ପ୍ରଶାସନ ଏବେ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ନେତାନ୍ୟାହୁ ଏପର୍ଯ୍ୟନ୍ତ ରାଜି ହେବାକୁ ପ୍ରସ୍ତୁତ ନୁହଁନ୍ତି। ଆମେରିକା ବର୍ତ୍ତମାନ ତାଙ୍କଠାରୁ ଯେଉଁ ପ୍ରମୁଖ କୂଟନୈତିକ ସହଯୋଗ ଆଶା କରୁଛି ତାହା ଦେବାକୁ ନେତାନ୍ୟାହୁ ପ୍ରସ୍ତୁତ ନୁହଁନ୍ତି।

## ହର୍ମୁଜ୍ ପ୍ରଣାଳୀରେ 'ସିଫେୟାର ଫାଷ୍ଟ'

ନୂଆଦିଲ୍ଲୀ, ୧୫।୭: ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଘାତକ କ୍ଷେପଣାସ୍ତ୍ର ଆକ୍ରମଣ ପରେ, କେନ୍ଦ୍ର ସରକାର ପଶ୍ଚିମ ଏସିଆର ଉଚ୍ଚ ବିପଦପୂର୍ଣ୍ଣ ସାମୁଦ୍ରିକ ଅଞ୍ଚଳରେ କାର୍ଯ୍ୟରତ ଭାରତୀୟ କ୍ରୁ ସଦସ୍ୟମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ବ୍ୟାପକ 'ସିଫେୟାର ଫାଷ୍ଟ'ନାମକ ଏକ ପଦକ୍ଷେପ ଉନ୍ମୋଚିତ ହୋଇଛି ।ଚଳିତ ସପ୍ତାହର ଆରମ୍ଭରେ ହର୍ମୁଜ୍ ପ୍ରଣାଳୀରେ ଦୁଇଟି ଏମିରାତି ତୈଳ ଟ୍ୟାଙ୍କର୍ ଆକ୍ରମଣର ଶିକାର ହେବା ପରେ ଭାରତୀୟ ନାବିକ ରୋହନ କୁମାରଙ୍କ ମୃତ୍ୟୁ ଏବଂ ଅନ୍ୟ ଅନେକ ଆହତ ହେବା ପରେ ଏହି ଘୋଷଣା କରାଯାଇଛି।

## ଭାରତ-ବ୍ରିଟେନ ସିଇଟିଏ କାର୍ଯ୍ୟକାରୀ, ୯୯ ପ୍ରତିଶତ ଭାରତୀୟ ରପ୍ତାନି ଉପରେ ଶୂନ୍ୟ ଶୁଳ୍କ

ନୂଆଦିଲ୍ଲୀ, ୧୫।୭: ଭାରତ ଏବଂ ୟୁକେ ମଧ୍ୟରେ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ) ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ଏହା ସହିତ, ସାମାଜିକ ସୁରକ୍ଷା ଚୁକ୍ତିନାମା, ଯାହାକୁ ଡବଲ୍ କଣ୍ଟ୍ରିବ୍ୟୁସନ୍ ଏଗ୍ରିମେଣ୍ଟ (ଡିସିସି) ଭାବରେ ଜଣାଶୁଣା, ମଧ୍ୟ କାର୍ଯ୍ୟକାରୀ ହୋଇଛି। ଏହା ୟୁକେରେ ଭାରତୀୟ ବୃତ୍ତିଗତଙ୍କ ଗତିଶୀଳତା ଏବଂ ପ୍ରତିଯୋଗିତାମୂଳକତାକୁ ପ୍ରୋତ୍ସାହିତ କରିବ। ଭାରତ ଏବଂ ୟୁକେ ମଧ୍ୟରେ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ) ୨୪ ଜୁଲାଇ, ୨୦୨୫ ରେ ସ୍ୱାକ୍ଷରିତ ହୋଇଥିଲା। ଏହି ଐତିହାସିକ ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଚୁକ୍ତିନାମା ଭାରତର ପ୍ରାୟ ୯୯ ପ୍ରତିଶତ ରପ୍ତାନି ପାଇଁ ବ୍ରିଟିଶ ବଜାରକୁ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରିବ।ଅର୍ଥନୈତିକ ବିଶେଷଜ୍ଞମାନେ ଏହାକୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତର ସର୍ବବୃହତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରନ୍ତି। ସରକାର ଦାବି କରନ୍ତି ଯେ ଏହା ଚାଷୀ, ଶ୍ରମିକ, ଏମଏସଏମଇ, ରପ୍ତାନିକାରୀ ଏବଂ ସେବା କ୍ଷେତ୍ରକୁ ପ୍ରଚଣ୍ଡ ଲାଭ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରଙ୍କ କାର୍ଯ୍ୟକାଳରେ ଏହା କାର୍ଯ୍ୟକାରୀ ହେବାକୁ ଥିବା ଷଷ୍ଠ ମୁକ୍ତ ବାଣିଜ୍ୟ ଚୁକ୍ତିନାମା।

## ୨ ରେଳ ପ୍ରକଳ୍ପକୁ ମଞ୍ଜୁରି

ନୂଆଦିଲ୍ଲୀ, ୧୫।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ ବୈଠକରେ ଓଡ଼ିଶାର ପାରାଦୀପ ହରିଦାସପୁର ରେଳପଥର ଦୋହରୀକରଣ ଓ ଝାଡ଼ଖଣ୍ଡର ରାଜଖରସୁଆଁ-ଡାଙ୍ଗପୋଷୀ ରୁଟ୍‌ରେ ଚତୁର୍ଥ ଲାଇନ୍ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ୧୪୫ କିମି ବିଶିଷ୍ଟ ଏହି ଦୁଇ ରେଳ ପ୍ରକଳ୍ପର ମୋଟ ଅଟକଳ ହେଉଛି ୩,୯୦୭ କୋଟି ଟଙ୍କା। ୨୦୩୦-୩୧ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଓଡ଼ିଶା ଓ ଝାଡ଼ଖଣ୍ଡର ଚାରିଟି ଜିଲ୍ଲା ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏଥି ସହିତ ଲଳିତଗିରି ବୌଦ୍ଧ କମ୍ପ୍ଲେକ୍ସ, ଶ୍ରୀବଳଦେବଜିଉ ମନ୍ଦିର ଓ ମେଘହାତୁବୁରୁ ପାହାଡ଼ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳକୁ ମଧ୍ୟ ରେଳ ସଂଯୋଗରେ ଉନ୍ନତି ହେବ। ଦୁଇ ପ୍ରକଳ୍ପ ଦ୍ୱାରା ୧୫୨୬ଟି ଗାଁର ୧୪ ଲକ୍ଷରୁ ଅଧିକ ବାସିନ୍ଦା ଉପକୃତ ହେବେ। ଏ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଗମନାଗମନରେ ଉନ୍ନତି ହେବ। ଅଧିକ ରେଳପଥ ବିକାଶ କରାଯିବା ପରେ ଏହି ରୁଟ୍‌ଗୁଡ଼ିକରେ ହେଉଥିବା ଭିଡ଼ ହ୍ରାସ ପାଇବ। ପିଏମ୍ ଗତିଶକ୍ତି-ଜାତୀୟ ମାଷ୍ଟର ପ୍ଲାନ୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ପରିବହନ ଓ ଲଜିଷ୍ଟିକ୍ସ ଦକ୍ଷତାରେ ଉନ୍ନତି ଘଟିବ।ଏହାଦ୍ୱାରା ସାଧାରଣ ଜନତା, ସାମଗ୍ରୀ ଓ ସେବା ପରିବହନରେ ଉନ୍ନତି ହେବ।

## ଇଭି ଚାର୍ଜିଂ ସମୟରେ ଲାଗିଲା ନିଆଁ: ୨ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ:, ୧୫।୭ ଉତ୍ତରପ୍ରଦେଶ ନୋଏଡାର ମାମୁରା ଗ୍ରାମରେ ଏକ ଆବାସିକ ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋର ପାର୍କିଂରେ ଏକ ଇଲେକ୍ଟ୍ରିକ ଭେହିକିଲ୍ ଚାର୍ଜ ହେଉଥିବା ସମୟରେ ସ୍ପାର୍କ ହୋଇ ଏହି ନିଆଁ ଲାଗିଥିଲା। ନିଆଁଟି ଖୁବଶୀଘ୍ର ନିକଟରେ ଥିବା ପେଟ୍ରୋଲ ଗାଡ଼ିଗୁଡ଼ିକୁ ବ୍ୟାପିଯାଇଥିଲା ଏବଂ ସେଥିରୁ ବାହାରିଥିବା ପ୍ରବଳ କଳା ଧୂଆଁ ସମଗ୍ର ବିଲ୍ଡିଂକୁ ଘୋଟି ଯାଇଥିଲା।

## ପିଓକେରେ ବିଦ୍ରୋହ ଦମନ ପାଇଁ ପାକ୍‌ର ବର୍ବରତା

# ହିଂସାରେ ୧୨ ମୃତ, ୪୦୦୦ ସେନା ମୁତୟନ

ନୂଆଦିଲ୍ଲୀ, ୧୫।୭: ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ଗତ କିଛି ସପ୍ତାହ ଧରି ଜାରି ରହିଥିବା ଜନଆନ୍ଦୋଳନ ବୁଧବାର ମହାସଂଗ୍ରାମର ରୂପ ନେଇଛି। ଜଏଣ୍ଟ ଆୱାମୀ ଆକ୍ସନ୍ କମିଟି (ଜେଏଏସି) ପକ୍ଷରୁ ରାୱାଲାକୋଟରୁ ପ୍ରଶାସନିକ କେନ୍ଦ୍ର ମୁଜାଫରାବାଦ ଅଭିମୁଖେ ଆରମ୍ଭ ହୋଇଥିବା ବିଶାଳ 'ଲଙ୍ଗ ମାର୍ଚ୍ଚ'କୁ ରୋକିବା ପାଇଁ ପାକିସ୍ତାନୀ ସୁରକ୍ଷା ବାହିନୀ ବର୍ବରତା ଦେଖାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସେନା ଓ ଜନସାଧାରଣଙ୍କ ମଧ୍ୟରେ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ୧୦ ଜଣ ସାଧାରଣ ନାଗରିକ ଏବଂ ୨ ଜଣ ସୁରକ୍ଷାକର୍ମୀଙ୍କ ସମେତ ମୋଟ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପାକିସ୍ତାନ ସରକାର ସମଗ୍ର ଅଞ୍ଚଳରେ ୪,୦୦୦ରୁ ଅଧିକ ପାକିସ୍ତାନୀ ରେଞ୍ଜର୍ସ, ସୀମାନ୍ତ ବାହିନୀ (ଏଫସି) ଏବଂ



ପୋଲିସ ମୁତୟନ କରିବା ସହ ରାୱାଲାକୋଟରେ ସମ୍ପୂର୍ଣ୍ଣ ମିଡିଆ ବ୍ଲାକଆଉଟ୍ ଜାରି କରିଛନ୍ତି। ପାକିସ୍ତାନୀ ଶାସନତନ୍ତ୍ର ବିରୋଧରେ ଜେଏଏସି ଏକ ୩୮ ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରିଛି। ଏଥିରେ ପିଓକେରେ ଶାସକ ଗୋଷ୍ଠୀର ସ୍ୱତନ୍ତ୍ର ସୁବିଧା ସୁଯୋଗ ବନ୍ଦ କରିବା, ବାହାର ଲୋକଙ୍କ ପାଇଁ ସଂରକ୍ଷିତ ବିଧାନସଭା ଆସନ ଉଚ୍ଛେଦ କରିବା, ପ୍ରାକୃତିକ ସମ୍ପଦ ଉପରେ ସ୍ଥାନୀୟ ନିୟନ୍ତ୍ରଣ ରକ୍ଷା କରିବା, ମାଙ୍ଗଲା ଡ୍ୟାମ୍ କ୍ଷତିପୂରଣ ପ୍ରଦାନ ଏବଂ ସର୍ବନିମ୍ନ ମାସିକ ମଜୁରି ୫୦,୦୦୦ ପାକିସ୍ତାନୀ ଟଙ୍କା କରିବା ଭଳି ଦାବି ସାମିଲ ଅଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛି ସପ୍ତାହ ଧରି ପାକିସ୍ତାନ ସରକାର ଏହି ଅଞ୍ଚଳକୁ ଖାଦ୍ୟ ଓ ଔଷଧ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରି ମାନବୀୟ ସଙ୍କଟ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଦୋଳନର ପ୍ରମୁଖ ନେତାମାନେ ଭାରତ ସରକାରଙ୍କ ନିକଟରୁ ମାନବୀୟ ସହାୟତା ନିବେଦନ କରିବା ସହ ନିୟନ୍ତ୍ରଣ ରେଖା (ଏଲ୍ଓସି) ଅଭିମୁଖେ ମାର୍ଚ୍ଚ କରିବା ପାଇଁ ସଂକେତ ଦେଇଛନ୍ତି। ପାକିସ୍ତାନର ସେନା ମୁଖ୍ୟ ଜେନେରାଲ୍ ଅସୀମ୍ ମୁନିରଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଆନ୍ଦୋଳନକୁ ଦେଶଦ୍ରୋହ ଏବଂ ହିଂସ୍ର ବୋଲି ଦର୍ଶାଇବାକୁ ଚେଷ୍ଟା କରାଯାଉଛି। ସେନା ପକ୍ଷରୁ ଜେଏଏସିକୁ ଏକ ପ୍ରତିବନ୍ଧିତ ସଶସ୍ତ୍ର ସଂଗଠନ ଭାବେ ଚିତ୍ରଣ କରାଯାଇଛି। ସାଧାରଣ ପୋଷାକରେ ଥିବା ସେନା ଅଧିକାରୀମାନେ ନିଜେ ଗୁଳିଚାଳନା କରି ଆନ୍ଦୋଳନକାରୀଙ୍କ ଉପରେ ଦୋଷ ଲଦିବାକୁ ଚେଷ୍ଟା କରୁଥିବା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଜେଏଏସି ସ୍ପଷ୍ଟ କରିଛି। କମିଟି କହିଛି ଯେ, ଯଦି ସେମାନେ ଅସ୍ତ୍ର ଉଠାଇବାକୁ ଚାହୁଁଥାନ୍ତେ, ତେବେ ଏତେ ସଂଖ୍ୟାରେ ନିରୀହ ଲୋକଙ୍କ ଶବ ସେମାନଙ୍କୁ ବୋହିବାକୁ ପଡ଼ିନଥାନ୍ତା। ପିଓକେରେ ସୃଷ୍ଟି ହୋଇଥିବା ସାଂଘାତିକ ପରିସ୍ଥିତି ଉପରେ ଭାରତୀୟ ବୈଦେଶିକ ମନ୍ତ୍ରାଳୟ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି।

# ଭୁବନେଶ୍ୱର ଟେମ୍ପଲ ସିଟି ଇନରହ୍ୱିଲ୍ କ୍ଲବର ନୂଆ କର୍ମକର୍ତ୍ତା




ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱର ଟେମ୍ପଲ ସିଟି ଇନର ହ୍ୱିଲ୍ କ୍ଲବ ଜୁଲାଇ ୧୫ରେ ଏହାର ପ୍ରତିଷ୍ଠା ଉତ୍ସବ ପାଳନ କରିଛି । ଆୟୋଜିତ ଉତ୍ସବରେ ଶୁଶ୍ରୂଷାର ସହ ପ୍ରତିଷ୍ଠାତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ୨୦୨୬-୨୭ ପାଇଁ ଇନର ହ୍ୱିଲର ଅଧ୍ୟକ୍ଷା ଭାବରେ ଶ୍ରୀମତୀ ମଧୁଛନ୍ଦା ବଳ ଓ କ୍ଲବର ସେକ୍ରେଟାରୀ ଭାବରେ ଶ୍ରୀମତୀ ସୁମିତ୍ରା ଚୌଧୁରୀ ଅବସ୍ଥାପିତ ହୋଇଥିଲେ । ଉତ୍ସବରେ ଜିଲ୍ଲା ଇଏସଓ ପୁଷ୍ପା ହରିଚନ୍ଦନ, ଜିଲ୍ଲା କୋଷାଧକ୍ଷା ଆରତି ବଡ଼ପଣ୍ଡା, ଜିଲ୍ଲା ଆଇଏସଓ ମମତା ବାଜପେୟୀ, ପ୍ରାକ୍ତନ ସଂଘ ସଚିବ ଶ୍ରୀନୁ ପଟ୍ଟନାୟକ ଓ ପ୍ରାକ୍ତନ ଜିଲ୍ଲା ଚେୟାରମ୍ୟାନ୍ ସଂଘମିତ୍ରା ସାହୁ, ଅନୀତା ପତି ଓ ମଧୁମିତା ମହାନ୍ତି ଯୋଗ ଦେଇଥିଲେ । ୫୦ରୁ ଅଧିକ ସଦସ୍ୟା ଓ ଅତିଥି ଉପସ୍ଥିତ ଥିଲେ । ସମର୍ଥନୀୟ ଶୈକ୍ଷିକ ସହାୟତା ପ୍ରକଳ୍ପର ଅଂଶ ସ୍ୱରୂପ କ୍ଲବ ଦ୍ୱାରା ଛାତ୍ରୀ ସାବିତ୍ରୀ ପ୍ରଧାନଙ୍କୁ ୨୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । କ୍ଲବର ସମ୍ପାଦକ ପଦ୍ମଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କ ଜରିଆରେ କ୍ଲବ ପ୍ରତିଷ୍ଠା ବୁଲେଟିନ୍‌ର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ୭ ନୂଆ ସଦସ୍ୟାଙ୍କୁ ଏହି କ୍ଲବରେ ସାମିଲ କରାଯାଇଥିଲା । ସେମାନେ ସମସ୍ତେ ବିଭିନ୍ନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ନାଗରିକ ବିଶେଷ, ସେବା ଓ ଗୋଷ୍ଠୀ ନିୟୋଜନ କ୍ଷେତ୍ରରେ କ୍ଲବର ସଂକଳ୍ପବଦ୍ଧତାକୁ ସୁଦୃଢ଼ କରିବା ଉପରେ ଆଶାପ୍ରକଟ କରାଯାଇଥିଲା ।

## ବନ୍ଧୁକ ମୁନରେ ଭୟଭୀତ କରାଇ ଅଭିଯୁକ୍ତ ଗିରଫ



ଜଟଣୀ(ନିପ୍ର): ରାସ୍ତାରେ ଗାଡ଼ି ଚଳାଇ ଯାଉଥିବା ଜଣେ ମୋଟର ସାଇକେଲ ଆରୋହୀଙ୍କୁ ବାଟରେ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ଗାଳିଗୁଲଜ କରିବା ଅଭିଯୋଗରେ ପୁଲିସ ରଥିପୁର ଅଞ୍ଚଳରେ ରହୁଥିବା ଏମଡି ଅମୀର ଖାନ ଓରଫ ସଂଜୁ (୩୧) ନାମକ ଜଣେ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଅଭିଯୋଗକାରୀ ଗଜେନ୍ଦ୍ର ପଲେଇଙ୍କ ଘର ଡେଲାଙ୍ଗ ଅଞ୍ଚଳର ହୋଇଥିବା ବେଳେ ସେ ପିଲାଙ୍କ ପାଠପଢା ଲାଗି ଜଟଣୀର ହରିଭାଇନା ଛକ ନିକଟରେ ରହନ୍ତି । ଗତକାଲି ରାତି ପ୍ରାୟ ୧୧.୩୦ ସମୟରେ ଅଭିଯୁକ୍ତ ସଂଜୁ ଏବଂ ତାଙ୍କର ଜଣେ ସହଯୋଗୀ ଏକ ସ୍କୁଟି ଯୋଗେ ତାଙ୍କର ପିଛାକରି ଆସି ଲୋକୋ କଲୋନୀ ଅନ୍ତର୍ଗତ ବାବା ନଗର ଅଞ୍ଚଳରେ ତାଙ୍କୁ ଅଟକାଇବା ସହ ହଠାତ ବଡପାଟି କରି ଅପ ଶବ୍ଦରେ ଗାଳି ଦେଇଥିଲେ । ଗଜେନ୍ଦ୍ର ତାଙ୍କୁ ଗାଳି କରିବାର କାରଣ ପଚାରିବାରୁ, ଅଭିଯୁକ୍ତ ତାଙ୍କୁ ଏକ ବନ୍ଧୁକ ସାହାଯ୍ୟରେ ଆକ୍ରମଣ କରିଥିଲେ । ଯାହାଫଳରେ ଅଭିଯୋଗକାରୀ ଆହତ ହୋଇଥିଲେ । ଯେହେତୁ ଅଭିଯୋଗକାରୀ ସେ ଅଞ୍ଚଳରେ ନୂଆ ତେଣୁ ସେ କାହାକୁ ସଠିକ ଭାବେ ଚିହ୍ନି ନଥିଲେ । ପରେ ସେ ଏନେଇ ଜଟଣୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଏମଡି ଅମିର ଖାଁ ଓରଫ ସଞ୍ଜୁଙ୍କୁ କେସ ନମ୍ବର ୩୯୬/୨୬ ଆଧାରରେ ଗିରଫ କରିଥିଲେ । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଏକ ଦେଶୀ ବନ୍ଧୁକ ଓ ଏକ ସ୍କୁଟିକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ନାମରେ ପୂର୍ବରୁ ଜଟଣୀ ଥାନାରେ ମାମଲା ଥିବାବେଳେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରିରହିଛି ।

## ମହିଳା ନିଖୋଜ ନେଇ ଥାନାରେ ଅଭିଯୋଗ

ଭାପୁର(ନିପ୍ର): ଫତେଗଡ଼ ଥାନା ଅଞ୍ଚଳର ଜଣେ ମହିଳା ଗତ ୭ ତାରିଖରୁ ନିଖୋଜ ରହିଥିବାବେଳେ ବାପଘର ପରିବାର ପକ୍ଷରୁ ଆଶା ଆଶଙ୍କାରେ କାଳାତିପାତ କରୁଛନ୍ତି । ଘଟଣାରୁ ପ୍ରକାଶ, ଫତେଗଡ଼ ଥାନା ଅନ୍ତର୍ଗତ ପିଠାଖାଇ ଗ୍ରାମର ଗୟାଧର ଲେଙ୍କାଙ୍କ ଝିଅ ଲିପିନା ନାୟକ (୨୭) ଗତ ୧୦ ବର୍ଷ ତଳେ ପଦ୍ମାବତୀ ପଂଚାୟତ ଝଗଡ଼ପଡା ଗ୍ରାମର ଶ୍ରୀନିବାସ ନାୟକଙ୍କୁ ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ସେମାନଙ୍କ ଔରଷରୁ ପୁଅ ୮ ବର୍ଷର ଏବଂ ଝିଅ ୩ ବର୍ଷର ରହିଥିବାବେଳେ ଲିପିନା ଗତ ୭ ତାରିଖରୁ ଶାଶୁଘରୁ ନିଖୋଜ ରହିଥିବା ନେଇ ସ୍ୱାମୀ ଫତେଗଡ଼ ଥାନାରେ ୧୦ ତାରିଖ ଦିନ ଲିଖିତ ଅଭିଯୋଗ କରିଛନ୍ତି । ବହୁ ଖୋଜାଖୋଜି କରିବା ପରେ ଗତ ୮ ଦିନ ହେଲା ମହିଳାଙ୍କ ପତ୍ତା ମିଳୁ ନଥିବାରୁ ବାପଘର ପରିବାର ଦୁଃଶ୍ଚିନ୍ତାରେ ରହିଛନ୍ତି ।

## ଟ୍ରେନ ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

କାଶୀନଗର(ନିପ୍ର): କାଶୀନଗର ଥାନା ଅନ୍ତର୍ଗତ ହାଡୁଭାଙ୍ଗି ଓ କେ.ସୀତାପୁର ମଧ୍ୟରେ ଥିବା ରେଳଲାଇନ ମଧ୍ୟରେ କୌଣସି କାରଣରୁ ଜଣେ ବୃଦ୍ଧା ଟ୍ରେନ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ମୃତ ବୃଦ୍ଧା ଜଣେ ହେଲେବି ଗୁନାମ୍ମା ବୋଲି ପରିଚୟ ମିଳିଥିଲେ ସୁଦ୍ଧା ତାଙ୍କର କୌଣସି ସମ୍ପର୍କୀୟ ବର୍ତ୍ତମାନ ଯାଏଁ କୌଣସି ଯୋଗାଯୋଗ କରି ନ ଥିବା ସୂଚନା ମିଳିଛି ।

## କିରୋସିନ ଢାଳି ହୋଇ ନିଜକୁ ଜାଳିଦେଲେ ଯୁବତୀ !

ବ୍ରହ୍ମପୁର: କିରୋସିନ ଢାଳି ହୋଇ ନିଜକୁ ଜାଳିଦେଲେ ଯୁବତୀ । ବ୍ରହ୍ମପୁର ବଡ଼ବଜାର ଥାନା ଶାନ୍ତିନଗର ଲେନ୍-୫ରେ ଯୁବତୀଙ୍କ ଆତ୍ମାହୁତି । ବୁଧବାର ସକାଳୁ ଏଭଳି ଅଭାବନୀୟ ଘଟଣା ଘଟିଛି । ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ବେଳେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ତେବେ ଯୁବତୀ ଜଣଙ୍କ କାହିଁକି ନିଜକୁ ଜାଳିଦେଲେ ତାହାର କାରଣ ଅସ୍ପଷ୍ଟ ରହିଛି । ପୁଲିସ ଏନେଇ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ଯୁବତୀ ଜଣଙ୍କ ବୁଧବାର ସକାଳେ ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା । ତେବେ ଦୁର୍ଭାଗ୍ୟବଶତଃ କଟକ ନେବା ବାଟରେ ହିଁ ଯୁବତୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଯୁବତୀ ଜଣଙ୍କ କେଉଁ ପରିସ୍ଥିତିରେ ଏବଂ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ, ତାହା ଜଣାପଡ଼ି ନାହିଁ । ପରିବାର ଲୋକଙ୍କ ପକ୍ଷରୁ ମଧ କୌଣସି ସ୍ୱଷ୍ଟ ସୂଚନା ମିଳିପାରି ନାହିଁ । ଅପରପକ୍ଷେ ଘଟଣା ସମ୍ପର୍କରେ ଖବର ପାଇ ବଡ଼ବଜାର ଥାନା ପୁଲିସ ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ମୋବାଇଲ ଚୋରକୁ ୫ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ

ଭୁବନେଶ୍ୱର(ନି.ପ୍ର): ଗତ ତା.୧୩.୦୭.୨୦୨୬ ରିଖ ଦିନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଇତିଶ୍ରୀ ମହାପାତ୍ର, ଖଣ୍ଡଗିରୀ ଥାନା ଅଞ୍ଚଳରେ ହୋଇଥିବା ଏକ ମୋବାଇଲ ଚୋରି ମାମଲାର ବିଚାର କରି ଆସାମୀ ବିକାଶ ଦାସକୁ ୫,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି । ମାମମଲାରୁ ପ୍ରକାଶ ଯେ, ଅଭିଯୋଗକାରୀ ରାଜେଶ ବେହେରା ୟୁନିଟ-୭ ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ ପରିବାର ସହ ରହୁଥିବା ବେଳେ, ଶିରିପୁର ଛକରେ ଏକ ହୋଲିରଙ୍ଗ ଦୋକାନ କରିଥିଲେ । ଗତ ତା.୦୩.୦୩.୨୦୨୬ ସକାଳ ପ୍ରାୟ ୫ଟା ସମୟରେ ସେ ଦୋକାନ ଭିତରେ ଶୋଇଥିବା ବେଳେ, ନିଜର ଆଇଫୋନ-୧୬ ମୋବାଇଲ ଫୋନକୁ ନିଜ ପାଖରେ ରଖିଥିଲେ । ସେହି ସମୟରେ କୌଣସି ଅଜଣା ଦୁର୍ବୃତ୍ତ କୌଶଳକ୍ରମେ ଦୋକାନରେ ପଶି ତାଙ୍କ ମୋବାଇଲ ଫୋନକୁ ଚୋରି କରିନେଇଯାଇଥିଲେ । ପରେ ସେ ନିକଟସ୍ଥ ଦୋକାନୀଙ୍କ ଠାରୁ ଜାଣିବାକୁ ପାଇଥିଲେ ଯେ, ଦୁଇଜଣ ଅଜଣା ବ୍ୟକ୍ତି ତାଙ୍କ ଦୋକାନ ଭିତରୁ ବାହରି ଦ୍ରୁତ ଗତିରେ ଦୌଡ଼ି ପଳାଇ ଯାଇଥିଲେ । ପରେ ସେ ଏନେଇ ଖଣ୍ଡଗିରୀ ଥାନାରେ ଅଭିଯୋଗ କରିଥିଲେ । ଉପରୋକ୍ତ ମମଲାକୁ କେନ୍ଦ୍ରକରି ଖଣ୍ଡଗିରୀ ଥାନା କେସ ନଂ-୨୬୫/୨୦୨୬, ବିଏନଏସ୍ ର ଧାରା-୩୦୫(ଏ) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା ଏବଂ ସବ୍-ଇନ୍‌ସପେକ୍ଟର ଦୋଳମଣି ଦେବତାଙ୍କ ଉପରେ ଏହାର ତଦନ୍ତ ଭାର ନ୍ୟସ୍ତ କରାଯାଇଥିଲା । ତଦନ୍ତ ସମୟରେ ସେ ଅଭିଯୁକ୍ତ ବିକାଶ ଦାସକୁ ଏହି ମୋବାଇଲ ଚୋରୀ ମାମଲାରେ ଗିରଫ କରି ଅଦାଲତଙ୍କ ସମ୍ମୁଖରେ ହାଜର କରିଥିଲେ । ମାନ୍ୟବର ଅଦାଲତ ବିଭିନ୍ନ ସାକ୍ଷୀ ଏବଂ ପ୍ରାସଙ୍ଗିକ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ବିକାଶ ଦାସକୁ ବିଏନଏସ୍ ଧାରା-୩୧୭ (୨) ଆଧାରରେ ଦୋଷୀ ସାବ୍ୟସ୍ତ କରିବା ସହ ୫,୦୦୦ ଟଙ୍କା ଜୋରିମନା ଦଣ୍ଡରେ ଦଣ୍ଡିତ କରିଛନ୍ତି ।

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dated 15/07/2026, I kabi Badajena, S/O-Binayak Badajena, At-Bhabanipur, P. O-Balidihi, PS-Banpur, Dist-Khordha, Odisha pin- 752031,declare that I have changed my name from Sibasa Badajena to Kabi Badajena. Henceforth, I shall be known as Kabi Badajena for all purposes.

Sd- Kabi Badajena

### ଯୋବ୍ରା ବ୍ରିଜ୍ ଉପରେ ଅଘଟଣ

## ମାଛ ଧରୁଥିବା ବେଳେ ମହାନଦୀକୁ ଖସିପଡ଼ିଲେ ଯୁବକ



କଟକ(ନିପ୍ର): କଟକର ଯୋବ୍ରା ବ୍ରିଜ୍ ଉପରେ ଘଟିଛି ଏକ ଅଘଟଣ । ମାଛ ଧରୁଥିବା ବେଳେ ଜଣେ ଯୁବକ ହଠାତ୍ ଭାରସାମ୍ୟ ହରାଇ ମହାନଦୀକୁ ଖସିପଡ଼ିଥିଲେ । ଘଟଣା ପରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେମାନଙ୍କ ତତ୍ପରତା ଯୋଗୁଁ ଯୁବକଙ୍କୁ ସୁରକ୍ଷିତ ଭାବେ ନଦୀରୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଯୁବକ ନାଗରାଜ ରାଓ (୧୯) । ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ଯୁବକ ମାଛ ଧରି ନିଜ ପରିବାରର ଜୀବିକା ନିର୍ବାହ କରନ୍ତି । ନିତିଦିନ ପରି ସେ ମାଛ ଧରୁଥିବାବେଳେ ଅସାବଧାନତା କିମ୍ବା ଭାରସାମ୍ୟ ହରାଇ ନଦୀକୁ ଖସିପଡ଼ିଥିବା କୁହାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ଲଗାଣ ବର୍ଷା ପରେ ମହାନଦୀରେ ଜଳସ୍ତର ବଢ଼ିଥିବାରୁ ଜିଲ୍ଲା ପ୍ରଶାସନ ପୂର୍ବରୁ ସତର୍କ ସୂଚନା ଜାରି କରାଯାଇଛି । ନଦୀକୂଳ କିମ୍ବା ବ୍ରିଜ୍ ଉପରେ ସେଲ୍ଫି ନ ନେବା, ଅଯଥା ବୁଲାବୁଲି ନ କରିବା ଓ ଭିଡ଼ ଜମା ନ କରିବାକୁ ଜିଲ୍ଲାପାଳ ଲୋକଙ୍କୁ ଅନୁରୋଧ କରିଛନ୍ତି । ତେବେ ପ୍ରଶାସନର ଏହି କଟକଣା ସତ୍ତ୍ୱେ ଅନେକ ଲୋକ ଏହାକୁ ଅବହେଳା କରୁଥିବା ଦେଖାଯାଉଛି । ନଦୀକୂଳ ଏବଂ ବ୍ରିଜ୍ ଉପରେ ଲୋକଙ୍କ ଭିଡ଼ ଲାଗୁଥିବା ବେଳେ, ସୁରକ୍ଷା ବ୍ୟବସ୍ଥା ଓ ପୁଲିସର ତଦାରଖକୁ ନେଇ ମଧ ପ୍ରଶ୍ନ ଉଠୁଛି । ଏହି ଘଟଣା ପୁଣିଥରେ ପ୍ରମାଣ କରିଛି ଯେ, ବର୍ଷା ଋତୁରେ ଫୁଲିଥିବା ନଦୀ ନିକଟରେ ସାମାନ୍ୟ ଅସାବଧାନତା ମଧ ବଡ଼ ଦୁର୍ଘଟଣାର କାରଣ ହୋଇପାରେ । ତେଣୁ ପ୍ରଶାସନର ସତର୍କବାଣୀକୁ ଗୁରୁତ୍ୱର ସହ ମାନିବା ସହ ସମସ୍ତଙ୍କୁ ନିଜ ସୁରକ୍ଷା ପ୍ରତି ସଚେତନ ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

## ତ୍ରିକୋଣୀୟ ପ୍ରେମ ପାଇଁ ଝୁଲି ପଡ଼ିଲେ ଯୁବତୀ

ଭୁବନେଶ୍ୱର(ନିପ୍ର): ତ୍ରିକୋଣୀୟ ପ୍ରେମ ପାଇଁ ଝୁଲି ପଡ଼ିଲେ ଯୁବତୀ । ଏକା ସାଙ୍ଗରେ ୨ ଜଣ ଯୁବକଙ୍କୁ ପ୍ରେମ କରି ଧରାପଡ଼ିଯିବାପରେ ଜୀବନ ହାରିଲେ ନର୍ସ । ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଘଟିଛି ଘଟଣା । ପଟିଆ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ ନର୍ସ ଭାବେ କାମ କରୁଥିବା ଜଣେ ଯୁବତୀ ଡମଣା ଛକରେ ରହୁଥିବା ଭଡ଼ାଘରେ ଜୀବନ ହାରିଛନ୍ତି । ଫ୍ୟାନରେ ଝୁଲି ଜୀବନ ହାରିଥିବା ଜଣାପଡ଼ିଛି । ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ଚନ୍ଦ୍ରଶେଖରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ମାନସିକ ଦୁଶ୍ଚିନ୍ତାରେ ଆତ୍ମହତ୍ୟା: ପୋଲିସର ତଦନ୍ତ ଜାରି

ତାଳଚେର(ନିପ୍ର): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଏନଟିପିସି ଟାଉନ ଥାନା ଅଧୀନ ବିଜୁଗୋଳ ଗ୍ରାମର କାଳନ୍ଦୀ ଚରଣ ଦାସ (୫୧), ଓରଫ କାଳିଆ ଦାସଙ୍କ ମୃତ୍ୟୁ ଘଟିଛି । ପରିବାର ପକ୍ଷରୁ ଦିଆଯାଇଥିବା ଲିଖିତ ଅଭିଯୋଗରେ ସେ ମାନସିକ ଦୁଶ୍ଚିନ୍ତାରେ ଥିବାରୁ ଘର ଭିତରେ ରଶି ଲଗାଇ ଜୀବନ ହାରିଥିବା ଉଲ୍ଲେଖ କରାଯାଇଛି । ଖବର ପାଇ ଏନଟିପିସି ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ପରିବାର ପକ୍ଷରୁ ଦାଖଲ ହୋଇଥିବା ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ଚଳାଇଛି । ଏନଟିପିସି ଟାଉନ ଥାନା ଆଇଆଇସି ସଂଯୁକ୍ତା ଖିଲାର କହିଛନ୍ତି ଯେ, ମୃତଦେହକୁ ଆସନ୍ତାକାଲି ବ୍ୟବଚ୍ଛେଦ ପାଇଁ ପଠାଯିବ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି । ଘଟଣାର ସମସ୍ତ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

## ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ରକ୍ତାକ୍ତ ସଂଘର୍ଷ


### ମହିଳା ଗୁରୁତର, ଅଭିଯୁକ୍ତଙ୍କ ମୃତ୍ୟୁ



ବଲାଙ୍ଗିର: ବଲାଙ୍ଗିର ଜିଲ୍ଲା ବେଲପଡ଼ା ସହରରେ ଏକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଘଟିଥିବା ହିଂସାତ୍ମକ ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଆକ୍ରମଣକାରୀଙ୍କ ମୃତ୍ୟୁ ଘଟିଛି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ବେଲପଡ଼ା ଅଞ୍ଚଳର ସସ୍ମିତା ମେହେରଙ୍କ ବିବାହ ମୁରିବାହାଲ ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମର ଗିରିଧାରୀ ମେହେରଙ୍କ ସହ ହୋଇଥିଲା । ଗିରିଧାରୀ ଏକ କୁକୁଡ଼ା ଫାର୍ମ ପରିଚାଳନା କରୁଥିବା ବେଳେ ସେହି ଫାର୍ମରେ ମୁନା ବେହେରା ସହଯୋଗ କରୁଥିଲେ । ଏହି ସମୟରେ ସସ୍ମିତା ଓ ମୁନାଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିବା ଅଭିଯୋଗ ରହିଛି । ପରବର୍ତ୍ତୀ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ସେମାନେ ଅଲଗା ରହୁଥିଲେ । ପୁଲିସ ସୂଚନା ଅନୁଯାୟୀ, ସମ୍ପ୍ରତି ସସ୍ମିତା ଓ ମୁନାଙ୍କ ମଧ୍ୟରେ ବିବାଦ ବଢ଼ିଥିଲା । କିଛିଦିନ ପୂର୍ବେ ଆକ୍ରମଣରେ ସସ୍ମିତା ଆହତ ହେବା ପରେ ସେ ନିଜ ନାବାଳିକା ଝିଅକୁ ନେଇ ବେଲପଡ଼ାକୁ ଚାଲି ଆସିଥିଲେ । ଗତ ଜୁନ୍ ୨୯ ତାରିଖରେ ମୁନା ବେହେରା ଓ ଅନ୍ୟ ତିନିଜଣ ବେଲପଡ଼ା ଆସି ସସ୍ମିତାଙ୍କୁ ନେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । ସସ୍ମିତା ଲୁଚିଯିବା ପରେ ତାଙ୍କ ନାବାଳିକା ଝିଅକୁ ଅପହରଣ ଉଦ୍ୟମ ବେଳେ ଛୁରି ଆକ୍ରମଣରେ ସେ ଆହତ ହୋଇଥିଲେ । ଗ୍ରାମବାସୀଙ୍କ ପ୍ରତିବାଦ ପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ । ଏହି ଘଟଣାରେ ବେଲପଡ଼ା ଥାନାରେ ମାମଲା ରୁଜୁ ହୋଇଥିଲା ଏବଂ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ମୁଖ୍ୟ ଅଭିଯୁକ୍ତ ମୁନା ବେହେରା ଫେରାର ଥିଲେ । ପୁଲିସ କହିଛି, ଗୁରୁବାର ସକାଳେ ମୁନା ବେହେରା ବେଲପଡ଼ାରେ ପହଞ୍ଚି ସସ୍ମିତାଙ୍କ ଉପରେ ଛୁରିରେ ଆକ୍ରମଣ କରିଥିଲେ । ଏଥିରେ ସସ୍ମିତା ଗୁରୁତର ଆହତ ହୋଇ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଘଟଣା ସମୟରେ ପାଲଟା ଆକ୍ରମଣରେ ମୁନା ବେହେରା ଗୁରୁତର ଆହତ ହୋଇଥିଲେ । ପ୍ରଥମେ ତାଙ୍କୁ ବେଲପଡ଼ା ଡାକ୍ତରଖାନା ଏବଂ ପରେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୁଣ୍ଡରେ ଭାରୀ ବସ୍ତୁର ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ସୂଚନା ମିଳିଛି । ଘଟଣାସ୍ଥଳରେ ବେଲପଡ଼ା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପ୍ରମାଣ ସଂଗ୍ରହ କରିଛନ୍ତି । ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

### ରଥଯାତ୍ରା ଲାଗି ନିଶା କାରବାରରେ କଟକଣା

## ପୁରୀ ସହରରେ ୪ ଦିନ ମଦ, ଭାଙ୍ଗ ଦୋକାନ ବନ୍ଦ



ପୁରୀ: ରଥଯାତ୍ରା ପାଇଁ ଚଳଚଞ୍ଚଳ ହେଲାଣି ଶ୍ରୀକ୍ଷେତ୍ର । ଶ୍ରୀଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପୁରୀରେ ଲାଗିବ ଖଚାଖଚ୍ ଭିଡ଼ । କଡ଼ା ନଜରରେ ରହିବ ସହର । ଏପରିକି ସହର ତଳି ଅଞ୍ଚଳ ବି ସୁରକ୍ଷା ବଳୟ ଭିତରେ ରହିବ । ତେଣୁ ରଥଯାତ୍ରା ଗହଳିକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ମଦ ଦୋକାନ ବନ୍ଦ ଲାଗି ନିର୍ଦ୍ଦେଶ ଜାରି କରାଯାଇଛି । ରଥଯାତ୍ରା ଅବସରରେ ସହରର ସମେତ ସଦର ଉପକଣ୍ଠରେ ସମସ୍ତ ବିଦେଶୀ, ଦେଶୀ ମଦ ଦୋକାନ ଓ ବାର୍ ପାଖାପାଖି ୪ ଦିନ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ । ଅବକାରୀ ଅଧୀକ୍ଷକ ଶ୍ରୀ ସାମଲଙ୍କ ସୂଚନା ଅନୁସାରେ, ସହର ଓ ଉପକଣ୍ଠରେ ଥିବା ୨୫ଟି ଠିପି ବନ୍ଦ ଓ ଠିପି ଖୋଲା ଏବଂ ୬ରୁ ଉର୍ଦ୍ଧ୍ୱ ଭାଙ୍ଗ ଦୋକାନ ବନ୍ଦ ରହିବ । ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ୧୫ ତାରିଖ ଅପରାହ୍ନ ୪ଟାରୁ ୧୬ ତାରିଖ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନି ରଥ ପହଞ୍ଚିବା ପର୍ଯ୍ୟନ୍ତ ସମସ୍ତ ଦୋକାନ ବନ୍ଦ ରହିବ । ସେହିଭଳି ବାହୁଡ଼ା ଯାତ୍ରା ପୂର୍ବଦିନ ଅର୍ଥାତ୍ ୨୩ ତାରିଖ ଅପରାହ୍ନ ୪ଟାରୁ ୨୪ତାରିଖ ବାହୁଡ଼ା ଯାତ୍ରା ଓ ୨୫ ତାରିଖ ସୁନାବେଶ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସମସ୍ତ ମଦ ଦୋକାନ ଓ ବାର୍ ବନ୍ଦ ରହିବ । ଏହି କଟକଣା ସହର ନିକଟବର୍ତ୍ତୀ ଚନ୍ଦନପୁର, ଜାନକାଦେଇପୁର ଓ ବଳିଆପଣ୍ଡା ରୟାଲ ପ୍ୟାଲେସ ରେଷ୍ଟୋରାଁ ଏବଂ ତୋଷାଳି ସ୍ୟାଣ୍ଡ ପର୍ଯ୍ୟନ୍ତ ଲାଗୁ ହେବ ବୋଲି ଶ୍ରୀ ସାମଲ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ଏହି ୪ ଦିନ ସହ ରଥଯାତ୍ରା ସମୟରେ ମୋଟା ଅଙ୍କର କାରବାର କରିବାକୁ ଚୋରା ବେପାରୀମାନେ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ସହରର ପେଣ୍ଠକଟା, ଅଠରନଳା, ସ୍ୱର୍ଗଦ୍ୱାର, ତାଳବଣିଆ ଓ ବଡ଼ଦାଣ୍ଡ ନିକଟ କିଛି ଗଳିକନ୍ଦିରେ ବିଦେଶୀ ମଦ କାରବାର ଜାରି ରହିଛି । ନିକଟରେ ରହିଥିବା ସରକାରୀ ମଦ ଦୋକାନରୁ ବିପୁଳ ପରିମାଣରୁ ମଦ କିଣି ନିଜ ନିଜର ସୁରକ୍ଷିତ ସ୍ଥାନରେ ଗଚ୍ଛିତ ରଖିଥିବା ନେଇ ବିଶେଷ ସୂତ୍ରର ସୂଚନା ମିଳିଛି । ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ଶ୍ରୀ ସାମଲ କହିଛନ୍ତି, ଏହି ସମୟରେ ପୁଲିସ ଓ ଅବକାରୀ ବିଭାଗର ମିଳିତ ଟିମ୍ ସହର ସମେତ ଉପକଣ୍ଠ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ କଡ଼ା ନଜର ରଖାଯିବ ।

## ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶାଗୁଆନ କାଠପଟା ଜବତ



ଭାପୁର(ନିପ୍ର): ଫତେଗଡ଼ ଥାନା ଧାନଚାଙ୍ଗଡ଼ା ପଞ୍ଚାୟତ କଳଟାଙ୍ଗୀ ଗ୍ରାମର ଯଦୁମଣି ମୁକୁଟ ଚୋରା କାଠ ବେପାର କରୁଥିବା ନେଇ ନୟାଗଡ଼ ଡି.ଏଫ.ଓ. ଦେବାର୍ଚ୍ଚନା ବେହେରାଙ୍କ ନିକଟରେ ଖବର ପହଞ୍ଚିଥିଲା । ତାଙ୍କ ନିର୍ଦ୍ଦେଶରେ ଖଣ୍ଡପଡା ବନବିଭାଗ ଟିମ ବୁଧବାର ଦିନ କଳଟାଙ୍ଗୀ ଗ୍ରାମରେ ପହଞ୍ଚି ଯଦୁମଣିଙ୍କ ଘର ଉପରେ ଚଢ଼ାଉ କରିଥିଲେ । ସେ ବେପାର ଉଦ୍ଦେଶ୍ୟରେ ରଖିଥିବା ୧୦୦ ଖଣ୍ଡ ଶାଗୁଆନ ପଟା ଏବଂ ୪୦ ଖଣ୍ଡ ଶାଳକାଠର ଦୁଆରବନ୍ଧ ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବନବିଭାଗ ଜବତ କରି ଭାପୁର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ । ଚଢ଼ାଉ କାର୍ଯ୍ୟକ୍ରମରେ, ବନ ସରାଂକ୍ଷକ ସତ୍ୟଜିତ କର, ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଭାପୁର ବନପାଳ ସୁବାସ ଚନ୍ଦ୍ର ନାୟକ, ସିଂଘାପଡା ବନପାଳ ସନ୍ଧ୍ୟାରାଣୀ ନାୟକ, କଣ୍ଟିଲୋ ବନପାଳ ଜ୍ୟୋତିରଞ୍ଜନ ମଲ୍ଲିକ, ଗୋହିରିଆପଡା ବନରକ୍ଷୀ ସୁନୀଲ କୁମାର ନାୟକ ଏବଂ ଖଣ୍ଡପଡା ବନାଞ୍ଚଳର ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ ।

## ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ ଆରମ୍ଭ


ପୁରୀ/ଭୁବନେଶ୍ୱର, ୧୫/୭(ନିପ୍ର): ଓଡ଼ିଶାରେ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ରାଜ୍ୟକୁ ଏକ ନିରାପଦ ତଥା ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ଦିଗରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଜାତୀୟ ଜଳକ୍ରୀଡ଼ା ସଂସ୍ଥାନର ମିଳିତ ସହଯୋଗରେ ଆଜି ପୁରୀଠାରେ 'ସୁରକ୍ଷିତ ପର୍ଯ୍ୟଟକ ଅଭିଯାନ'ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର ମହାନିରୀକ୍ଷକ ଡକ୍ଟର ଉମାଶଙ୍କର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବେଳା ଭୂମିରେ ନଜର ରଖିବା ଏବଂ ତୁରନ୍ତ ଉଦ୍ଧାର କାର୍ଯ୍ୟ କରିବାରେ ବେଶ୍ ସହାୟକ ହେବ।

## ସେବାୟତଙ୍କୁ ନିଲମ୍ବନ କଲେ ମୁଖ୍ୟ ପ୍ରଶାସକ

**ପୁରୀ,୧୫।୭(ନିପ୍ର):** ଶ୍ରୀମନ୍ଦିରରେ ନୀତି ସମ୍ପାଦନରେ ଶୃଙ୍ଖଳା ରକ୍ଷା ପ୍ରତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସର୍ବଦା ସର୍ବୋଚ୍ଚ ଗୁରୁତ୍ୱ ଦେଇଆସୁଛି। ବୁଧବାର ଉଭାପର୍ବରେ ନୀତିକାନ୍ତି ପାଳନ ସମୟରେ ଦତ୍ତ ମହାପାତ୍ର ସେବାୟତ ରଶ୍ମିରଞ୍ଜନ ଦତ୍ତ ମହାପାତ୍ର ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ କରିଥିବାରୁ, ଶ୍ରୀମନ୍ଦିର କମାଣ୍ଡରଙ୍କ ରିପୋର୍ଟ ଆଧାରରେ ମୁଖ୍ୟ ପ୍ରଶାସକ ସଂପୃକ୍ତ ସେବାୟତଙ୍କୁ ଶ୍ରୀମନ୍ଦିର ସେବାରୁ ନିଲମ୍ବନ କରିଛନ୍ତି। ମୁଖ୍ୟ ପ୍ରଶାସକ ସମସ୍ତ ସେବାୟତଙ୍କ ସହଯୋଗ ଓ ସମନ୍ୱୟ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମୟାନୁ ବର୍ତ୍ତିତା, ଶୃଙ୍ଖଳା ଏବଂ ଭକ୍ତିଭାବର ସହ ସମ୍ପାଦିତ ହୋଇଚାଲିବ।

## କିଟ୍‌ଛାତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୫।୭(ନିପ୍ର):** ସୋନି ଟିଭିର ଲୋକପ୍ରିୟ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍' ସିଜନ୍ ୧୬ର ଗ୍ରାଣ୍ଡ ଫିନାଲେରେ ପହଞ୍ଚିଥିବା କିଟ୍ ଛାତ୍ରୀ ତଥା ଓଡ଼ିଆ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କ ହୋମ୍ କମିଂ ସେଲିବ୍ରେସନ୍ ଅବସରରେ ତାଙ୍କୁ କିଟ୍ ଓ କିସ୍ ପକ୍ଷରୁ ବୁଧବାର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଜ୍ୟୋତିର୍ମୟୀ ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବା ସହ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ଅପରାହ୍ନରେ ନିଜ ଶିକ୍ଷାନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ନିମନ୍ତେ ବ୍ୟାପକ ଆୟୋଜନ କରାଯାଇଥିଲା।








## ମୁଦ୍ରଣ ସଂସ୍ଥାର ୨ ମାଲିକଙ୍କ ଆଗୁଆ ଜାମିନ ଆବେଦନ

କଟକ,୧୫।୭: ସ୍କୁଲ ପାଠ୍ୟପୁସ୍ତକରେ ଅନିୟମିତତା ଅଭିଯୋଗରେ ପୂର୍ବତନ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ଗିରଫଦାରିର ଗୋଟିଏ ଦିନ ପରେ, ଏହି ମାମଲା ସହିତ ଜଡିତ ଏକ ଘରୋଇ ମୁଦ୍ରଣ ସଂସ୍ଥାର ଦୁଇ ମାଲିକ ଆଗୁଆ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟରେ ଆବେଦନ କରିଛନ୍ତି। ସୂତ୍ର ଅନୁସାରେ, ଓଡ଼ିଶା କ୍ରାଇମ୍ ବ୍ରାଞ୍ଚର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଭୟରେ, ଏକ ପ୍ରାଇଭେଟ୍ ଲିମିଟେଡ୍‌ର ୨ ମାଲିକ ହାଇକୋର୍ଟରେ ଆବେଦନ କରିଛନ୍ତି। କ୍ରାଇମ୍ ବ୍ରାଞ୍ଚ ଏହି ମାମଲାରେ ତଦନ୍ତକୁ ଜୋରଦାର କରୁଥିବାରୁ ଗିରଫଦାରିର ଆଶଙ୍କା ମଧ୍ୟରେ ଏହି ପଦକ୍ଷେପକୁ ଏକ ସତର୍କତାମୂଳକ ପଦକ୍ଷେପ ଭାବରେ ଦେଖାଯାଉଛି। ନିକଟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଭାବରେ ପ୍ରକାଶିତ ପାଠ୍ୟପୁସ୍ତକରେ ବହୁ ସଂଖ୍ୟକ ତ୍ରୁଟି ମିଳିଥିବା ତଦନ୍ତର ଅଂଶ ଭାବରେ କ୍ରାଇମ୍ ବ୍ରାଞ୍ଚ ପାଢ଼ୀଙ୍କୁ ଦୀର୍ଘ ସମୟ ପଚରାଉଚରା ପରେ ଗିରଫ କରିଥିଲା। ପୂର୍ବରୁ, ବିବାଦ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ନିଲମ୍ବନ କରିଥିଲେ। ଏସସିଇଆର୍‌ଟି ନିର୍ଦ୍ଦେଶକ ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କ୍ରାଇମ୍ ବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପାଇଁ କ୍ରାଇମ୍ ବ୍ରାଞ୍ଚ ପୋଲିସ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି। ଜଣେ ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ (ଡିଏସପି) ତଦନ୍ତକାରୀ ଅଧିକାରୀ ଭାବରେ ନିଯୁକ୍ତ ହୋଇଛନ୍ତି।










## ସିଏମ୍‌ଓରୁ ଫାଇଲ୍ ଗାଏବ ଘଟଣା: ୨ ଅଧିକାରୀଙ୍କୁ ସମନ

ଭୁବନେଶ୍ୱର,୧୫।୭: ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)ରୁ ଦୁଇଟି କମିଶନ ତଦନ୍ତ ସମ୍ବନ୍ଧୀୟ ଫାଇଲ୍ ନିଖୋଜ ଘଟଣାର ତଦନ୍ତକୁ ନେଇ କମିଶନରେଟ୍ ପୋଲିସ ତତ୍ପରତା ବଢ଼ାଇଛି। ଏହି ଘଟଣାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ ବର୍ମା ଓ ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ରଙ୍କୁ ପୋଲିସ ସମନ ଜାରି କରିଛି। ପୋଲିସ ପକ୍ଷରୁ ଜାରି ସମନ୍‌ରେ ଉଭୟ ଅଧିକାରୀଙ୍କୁ ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କ ସମ୍ମୁଖରେ ତିନି ଦିନ ମଧ୍ୟରେ ହାଜର ହେବାକୁ କୁହାଯାଇଛି। ସିଏମଓରୁ ଫାଇଲ୍ ନ ମିଳିବା ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ